79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ■ ସଂଖ୍ୟା-୨୨୯● କଟକ ● ଗୁରୁବାର ● ୨୬ ମାର୍ଚ୍ଚ- ୨୦୨୬ ● ମୀନ- ୨୫● ସାଲ୍ ୧୪୩୧
CUTTACK● THURSDAY ● 25 MARCH-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ବିଧାନସଭାରେ ଗୃହ ବିଭାଗର ଶ୍ୱେତ ପତ୍ର ଉପସ୍ଥାପିତ




ଭୁବନେଶ୍ୱର : ରାଜ୍ୟରେ ୨୦୨୫ ମସିହାରେ ଅପରାଧ ହାର ଉପରମୁହାଁ ରହିଛି। ୨୦୨୪ ମସିହା ତୁଳନାରେ ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ପଞ୍ଜୀକରଣ ହାର ୭.୩୬ ପ୍ରତିଶତ ଅଧିକ ବୃଦ୍ଧି ପାଇ ୨,୨୯,୮୮୧ରେ ପହଂଚିଛି। ତେବେ ରାଜ୍ୟରେ ଦୁଷ୍କର୍ମ ମାମଲା ହାରାହାରି ୧.୯୬ ପ୍ରତିଶତ ହ୍ରାସ ପାଇଥିଲେ ମଧ୍ୟ ଦୈନିକ ହାରାହାରି ୮ଜଣ ମହିଳା ଓ ଶିଶୁ ଦୁଷ୍କର୍ମର ଶିକାର ହେଉଥିବାର ମାମଲା ପଞ୍ଜୀକରଣ ହେବା ଏବେବି ଚିନ୍ତାଜନକ ସ୍ଥିତି ହୋଇ ରହିଛି। ରାଜ୍ୟରେ ପ୍ରତି ୭ଘଣ୍ଟାରେ ଜଣେ ବ୍ୟକ୍ତି ହତ୍ୟାର ଶିକାର ମଧ୍ୟ ହେଉଛନ୍ତି। ଅବଶ୍ୟ ୨୦୨୫ରେ ୨.୨୯ଲକ୍ଷ ମାମଲା ରୁଜୁ କରିଥିବା ଓଡ଼ିଶା ପୁଲିସ ଏହି ଅବଧି ମଧ୍ୟରେ ମୋଟ ୧ଲକ୍ଷ ୫୫ହଜାର ୨୨୩ଟି ମାମଲା(୬୭.୫୨%)ରେ ଚାର୍ଜସିଟ୍ ଦାଖଲ କରିବାରେ ସକ୍ଷମ ହୋଇଛି। ରାଜ୍ୟରେ ୨୦୨୫ ମସିହାରେ ହତ୍ୟା, ଚୋରି, ସାଇବର ଅପରାଧ, ସଡ଼କ ଦୁର୍ଘଟଣା ମାମଲା ଆଦି ବୃଦ୍ଧି ପାଇଥିବାବେଳେ ଦୁଷ୍କର୍ମ, ପ୍ରତାରଣା, ଡକାୟତି ଭଳି ଅପରାଧ ପରିମାଣ ହ୍ରାସ ପାଇଛି। ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଜାରି ଶ୍ୱେତପତ୍ର-୨୦୨୫ରୁ ଏହି ତଥ୍ୟ ମିଳିଛି। ୫ ମସିହାରେ ରାଜ୍ୟରେ ମୋଟ ୧୩୦୪ଟି ହତ୍ୟା ମାମଲା ରୁଜୁ ହୋଇଛି। ଅର୍ଥାତ୍ ପ୍ରତି ୬.୭ ଘଣ୍ଟରେ ଜଣେ ବ୍ୟକ୍ତି ଓ ଦୈନିକ ହାରାହାରି ୩.୫୭ ଜଣ(୪ଜଣ) ହତ୍ୟାର ଶିକାର ହେଉଛନ୍ତି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୫ରେ ଏହା ୩.୬୫% ବୃଦ୍ଧି ପାଇ ୧୩୦୪ରେ ପହଂଚିଛି। ସେହିପରି ମହିଳା ଓ ଶିଶୁକନ୍ୟାଙ୍କ ସହ ଦୁଷ୍କର୍ମ ମାମଲା ରାଜ୍ୟରେ ଅପେକ୍ଷାକୃତ ହ୍ରାସ ପାଇଥିଲେ ମଧ୍ୟ ଚିନ୍ତାଜନକ ସ୍ଥିତି ଲାଗି ରହିଛି। ୨୦୨୫ରେ ମୋଟ ଦୁଷ୍କର୍ମ ମାମଲା ୨୯୯୪ ରହିଛି। ଅର୍ଥାତ୍ ଓଡ଼ିଶାରେ ପ୍ରତି ୩ଘଣ୍ଟାରେ ଜଣେ ମହିଳା ଅବା ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେଉଛନ୍ତି। ଦିନକୁ ହାରାହାରି ୮.୨୦ଜଣ। ତେବେ ୨୦୨୪ ମସିହାରେ ମୋଟ ୩୦୫୪ଟି ଦୁଷ୍କର୍ମ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୫ରେ ଏହା ୧.୯୬ ପ୍ରତିଶତ ହ୍ରାସ ପାଇଛି। ସେହିପରି ପୁଲିସ ପ୍ରାୟ ୬୪.୪୬% ଦୁଷ୍କର୍ମ ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ହତ୍ୟା ମାମଲାରେ ଏହି ହାର ପ୍ରାୟ ୪୬% ରହିଛି। ସେହିପରି ୨୦୨୫ ମସିହାରେ ୪୩୬୧ଟି ଯୌତୁକ ମାମଲା ଓ ୧୪୫ଟି ଯୌତୁକଜନିତ ହତ୍ୟା ମାମଲା ଓ ୧୬୪ଟି ମହିଳା ଚାଲାଣ ମାମଲା ରୁଜୁ ହୋଇଛି। ଶ୍ୱେତପତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ସାଇବର ଅପରାଧ ଓ ଠକେଇ ମାମଲାର ତଦନ୍ତରେ ସଫଳତା ରାଜ୍ୟ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ୨୦୨୫ ମସିହାରେ ସାଇବର ଠକେଇର ଏକ ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟ ପୋର୍ଟାଲର ତଥ୍ୟ ଅନୁସାରେ ୨୦୨୫ ମସିହାରେ ମୋଟ ୨୮୦୩ଟି ସାଇବର ମାମଲା ରୁଜୁ ହୋଇଛି। ଏଥିରୁ ୧୫୬୯ଟି ମାମଲା(୫୬%) କେବଳ ଅର୍ଥନୀତିକ ସାଇବର ଅପରାଧ ସହ ଜଡ଼ିତ। ଶ୍ୱେତପତ୍ର ଅନୁଯାୟୀ, ୨୦୨୫ ମସିହାରେ ରାଜ୍ୟରେ ମୋଟ ୧୨୨ଟି ସାମ୍ପ୍ରଦାୟିକ ବିଶୃଙ୍ଖଳା ଘଟଣା ଘଟିଛି, ଯେଉଁଥିରେ ୧୦୬ଟି ହିନ୍ଦୁ-ମୁସଲିମ୍ ଓ ୧୬ଟି ହିନ୍ଦୁ-ଖ୍ରୀଷ୍ଟିଆନ୍ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଛି। ଏହି ଘଟଣାଗୁଡ଼ିକ ପାଇଁ ମୋଟ ୧୬୫ଟି ଅପରାଧିକ ମାମଲା ରୁଜୁ ହୋଇଛି। ରାଜ୍ୟର ବିଭିନ୍ନ ଭାଗରେ ମୋଟ ୧୦୯୫ଟି ଦଙ୍ଗା ବା ରାୟୋଟିଂ ମାମଲା ପଞ୍ଜୀକୃତ ହୋଇଛି ଓ ପୁଲିସ ଏଥିରୁ ୪୯୮ଟି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ୫୪୮ଟି ମାମଲାରେ ତଦନ୍ତ ଜାରି ରହିଛି। ସେହିପରି କଟକରେ ଦଶହରା ପର୍ବବେଳେ ସାମ୍ପ୍ରଦାୟିକ ଉତ୍ତେଜନା ଓ ପୁରୀ ରଥଯାତ୍ରାରେ ଦଳଚକଟା ହୋଇଥିଲେ ମଧ୍ୟ ସରକାର ଓ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁ ଏହାକୁ ନିୟନ୍ତ୍ରଣ କରାଯାଇଛି।

## ସର୍ବଦଳୀୟ ବୈଠକ
## ଅସ୍ଥିର ହୋଇନି ଭାରତର ଶକ୍ତି ସୁରକ୍ଷା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ସଙ୍କଟର ସମାଧାନ ପାଇଁ ବସିଥିଲା ସର୍ବଦଳୀୟ ବୈଠକ। ଏହି ବୈଠକ ପ୍ରାୟ ଦେଢ ଘଣ୍ଟା ଧରି ଚାଲିଥିଲା। ବୈଠକରେ ପେଟ୍ରୋଲିୟମ୍ ମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସରକାର କହିଛନ୍ତି ଯେ, ଦେଶରେ କୌଣସି ପେଟ୍ରୋଲିୟମ୍ ଉତ୍ପାଦର ଅଭାବ ନାହିଁ ଏବଂ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ବୈଠକରେ ହର୍ମୁଜ୍ ପ୍ରଣାଳୀର ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଛି, ଯାହା ଏବେ ବିଶ୍ୱ ଚିନ୍ତାର କାରଣ ପାଲଟିଛି। ସରକାର କହିଛନ୍ତି ଯେ, ଆମର ଚାରୋଟି ଜାହାଜ ପୂର୍ବରୁ ଏହି ଅଞ୍ଚଳ ଛାଡି ସାରିଛନ୍ତି ଏବଂ ଆହୁରି ଅନେକ ବହୁତ ଶୀଘ୍ର ଆସିବ। ଏହା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଅନେକ ଦେଶର ଜାହାଜ ବର୍ତ୍ତମାନ ଫସି ରହିଛି। ଏହା ଭାରତ ପାଇଁ ଏକ କୂଟନୈତିକ ଏବଂ ରଣନୈତିକ ସଫଳତା ଭାବରେ ଦେଖାଯାଉଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତ ସରକାର ଡାକିଥିବା ସର୍ବଦଳୀୟ ବୈଠକରେ ସମସ୍ତଙ୍କୁ ବଡ଼ ଆଶ୍ୱସନା ଦେଇଛି। ତୈଳ ଓ ଗ୍ୟାସ ସଙ୍କଟର ଆଶଙ୍କା ଭିତରେ ସରକାର ସବୁ ରାଜନୀତିକ ଦଳକୁ ନିଶ୍ଚିତ କରିଛନ୍ତି ଯେ ଭାରତର ଶକ୍ତି ସୁରକ୍ଷା ପୂର୍ବଭଳି ସ୍ଥିର ରହିଛି। ଏଥିସହ ଅତିରିକ୍ତ ଶିପମେଣ୍ଟ ଅଧା ବାଟରେ ରହିଛି। ୧ ଘଣ୍ଟା ୪୫ ମିନିଟ ଧରି ଚାଲିଥିବା ସର୍ବଦଳୀୟ ବୈଠକରେ ସରକାର ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସବୁ ରାଜନୀତିକ ଦଳର ପ୍ରତିନିଧିଙ୍କୁ ବିସ୍ତୃତ ତଥ୍ୟ ଦେଇଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଏହି ବୈଠକରେ ସବୁ ଦଳର ନେତା ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ଓ ସମସ୍ତେ ଇରାନ, ଇସ୍ରାଏଲ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ଭାରତ ଉପରେ ଏହାର ପ୍ରଭାବ ସମ୍ପର୍କରେ ସମସ୍ତେ ନିଜର ମତ ରଖିଛନ୍ତି। ବିରୋଧୀ ଦଳଗୁଡ଼ିକ ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ପ୍ରତିଶ୍ରୁତି ଦେଇଥିବା ରିଜିଜୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, "ସମସ୍ତ ବିରୋଧୀ ସହକର୍ମୀମାନେ ଏହି ସଙ୍କଟମୟ ପରିସ୍ଥିତିରେ ସରକାର ଯାହା ବି ପଦକ୍ଷେପ ନେବେ, ତା'କୁ ସମସ୍ତେ ଏକାଠି ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରକାର ସ୍ଥିତିର ସମସ୍ତ ସୂଚନା ବିରୋଧୀ ଦଳର ସଦସ୍ୟମାନଙ୍କୁ ଦେଇଛନ୍ତି।" ବୈଠକରେ ସରକାର ସୂଚିତ କରିଛନ୍ତି ଯେ ଆବଶ୍ୟକ ଶକ୍ତି ସୁରକ୍ଷା ରହିଛି ଓ ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରାଯାଉଛି। ସରକାର ଆଗୁଆ ସବୁ ଜିନିଷ ବୁକିଂ କରିଛନ୍ତି। ବିଭିନ୍ନ ଦେଶ ସହ ଆଲୋଚନା କରୁଛନ୍ତି। ଅବିଚ୍ଛିନ୍ନ ଯୋଗାଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସର୍ବଦଳୀୟ ବୈଠକରେ କହିଥିବା ଜଣାପଡ଼ିଛି।

ଏଲପିଜି ଉପଲବ୍ଧତା ଓ ହର୍ମୁଜରେ ଜାହାଜ ଚଳାଚଳକୁ ନେଇ ବିରୋଧୀ ଚିନ୍ତା ପ୍ରକଟ କରିଥିଲେ। ଏହି ପ୍ରସଙ୍ଗରେ ସରକାର କହିଛନ୍ତି ଯେ ସବୁ କିଛି ନିୟନ୍ତ୍ରଣରେ ରହିଛି ଓ ଆସନ୍ତା ୪ରୁ ୫ଦିନ ମଧ୍ୟରେ ୪ଟି ଜାହାଜ କୂଳରେ ଲାଗିବ ବୋଲି କହିଛନ୍ତି। ବର୍ତ୍ତମାନ ଯାଏ କୌଣସି ଅଭାବ ଦେଖାଯାଇନି ଓ ଆବଶ୍ୟକ ଷ୍ଟକ ମହଜୁଦ ହୋଇ ରହିଛି। ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ଏବଂ ଗ୍ୟାସ ଯୋଗାଣ ୧୦୦% ରେ ନିରବଚ୍ଛିନ୍ନ ଭାବରେ ଜାରି ରହିବ । ତେଣୁ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ। ତେଣୁ କେହି ବ୍ୟସ୍ତ କିମ୍ବା ଆତଙ୍କିତ ନ ହେବାକୁ ମଧ୍ୟ ସରକାର ପରାମର୍ଶ ଦେଇଛନ୍ତି। ସରକାର ସମସ୍ତଙ୍କୁ ସାଙ୍ଗରେ ନେବାକୁ ପ୍ରସ୍ତୁତ ଓ ବିରୋଧୀ ଦଳଗୁଡ଼ିକ ସହ ସବୁ ସମୟରେ କଥା ହେବାକୁ ରାଜି ଥିବା ମଧ୍ୟ କହିଛନ୍ତି। ବୈଠକର ଅଧକ୍ଷତା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କରିଥିବା ବେଳେ ବୈଦେଶିକ ସଚିବ ସ୍ଥିତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

वित्त मंत्रालय MINISTRY OF FINANCE


ଅର୍ଥ ମନ୍ତ୍ରଣାଳୟ
ଜିଏସ୍‌ଟି ଟିକସଦାତା ଧ୍ୟାନ ଦିଅନ୍ତୁ !
ଯେଉଁ କରଦାତାମାନଙ୍କର ମୋଟ ବାର୍ଷିକ କାରବାର ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ, ସେମାନେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ GST କମ୍ପୋଜିସନ୍ ସ୍କିମ୍ ବାଛିପାରିବେ।
ଯୋଗ୍ୟ କରଦାତା, ଯେଉଁମାନେ କମ୍ପୋଜିସନ୍ ସ୍କିମର ଲାଭ ଉଠାଇବାକୁ ଇଚ୍ଛୁକ, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଦ୍ୱାରା GST ପୋର୍ଟାଲ୍ (www.gst.gov.in) ରେ କମ୍ପୋଜିସନ୍ ସ୍କିମ୍ ଚୟନ କରିପାରିବେ:
LOGIN
କରଦାତା ଇଣ୍ଟରଫେସକୁ ଲଗ୍‌ଇନ୍ କରନ୍ତୁ
SERVICES > REGISTRATION > APPLICATION TO OPT FOR COMPOSITION LEVY ଆବେଦନକୁ ଯାଆନ୍ତୁ
ଫର୍ମ GST CMP-02 ପୂରଣ କରନ୍ତୁ ଏବଂ ଦାଖଲ କରନ୍ତୁ
କମ୍ପୋଜିସନ୍ ସ୍କିମ୍ ଉପଭୋଗ କରୁଥିବା ଯୋଗ୍ୟ କରଦାତାଙ୍କୁ ଫର୍ମ GST CMP-02 ଦାଖଲ କରିବାକୁ ପଡିବ ନାହିଁ
ସହଜ ଏବଂ ସୁବିଧାଜନକ ଅନୁପାଳନ
ଆକର୍ଷଣୀୟ ଟିକସ ହାର
ସର୍ବନିମ୍ନ ଅନୁକରଣ ଆବଶ୍ୟକତା
ସ୍ୱୟଂ-ନବୀକରଣ ଏବଂ ବାତିଲ କରିବାକୁ ସହଜ ଯୋଜନା
ସାମଗ୍ରୀ ଏବଂ ସେବା ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ
କମ୍ ବହି ଖାତା ଆବଶ୍ୟକ

| * ଯୋଗାଣକାରୀମାନଙ୍କର ପ୍ରକାର | | # ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ବାର୍ଷିକ କାରବାର |
|---|---|---|
| ଦ୍ରବ୍ୟ ଯୋଗାଣକାରୀ | ୦୮ଟି ନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜୀକୃତ କରଦାତା | ଋ.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ |
| | ଅନ୍ୟ ରାଜ୍ୟରେ ପଞ୍ଜୀକୃତ କରଦାତା | ଋ.୧୫୦ ଟଙ୍କା ପର୍ଯ୍ୟନ୍ତ ରିହାତି |
| ସେବା ଯୋଗାଣକାରୀ | | ଋ.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ |

ଅଧିକ ବିବରଣୀ ପାଇଁ, ଦୟାକରି GST ଆଇନର ଧାରା ୧୦, CGST ନିୟମ ୩ ରୁ ୭ ଏବଂ ବିଜ୍ଞପ୍ତି ସଂଖ୍ୟା ୧୪/୨୦୧୯ କେନ୍ଦ୍ରୀୟ ଟିକସ ତାରିଖ ୦୭.୦୩.୨୦୧୯ ଦେଖନ୍ତୁ।
GST କମ୍ପୋଜିସନ୍ ଯୋଜନା: କ୍ଷୁଦ୍ର କରଦାତାଙ୍କ ପାଇଁ ବଡ଼ ଲାଭ
@cbicindia @cbic_india @cbicindia @CBICINDIA @CBIC india
CBC 15502/13/0051/2526

## ଉଡାନ୍ ୨.୦ ଯୋଜନାକୁ ମିଳିଲା ମଞ୍ଜୁରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈ?ଠକରେ ୨୮,୮୪୦ କୋଟି ଟଙ୍କାର ସଂଶୋଧିତ ଉଡାନ୍ ଯୋଜନାକୁ ମଞ୍ଜୁର କରାଯାଇଛି। ଭାରତରେ ଆଞ୍ଚଳିକ ବିମାନ ସଂଯୋଗୀକରଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଯୋଜନା ଆର୍ଥିକ ବର୍ଷ ୨୦୨୬-୨୭ ରୁ ୨୦୩୫-୩୬ ପର୍ଯ୍ୟନ୍ତ ୧୦ ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ କମ୍ ସେବା ପାଉଥିବା ଓ ସେବା ପାଉନଥିବା ଅଞ୍ଚଳ ବିଶେଷ କରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ସୁବିଧା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସହିତ ସାଧାରଣ ନାଗରିକଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ଶସ୍ତା କରୁଛି। ଏହା ଅର୍ଥନୈତିକ ଅଭିବୃଦ୍ଧି, ବାଣିଜ୍ୟ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଦୂରବର୍ତ୍ତୀ ଓ ପାହାଡ଼ିଆ ଅଞ୍ଚଳରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସ୍ୱାସ୍ଥ୍ୟସେବା ସୁବିଧାରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହି ଯୋଜନା ଅଧୀନରେ ସରକାର ଆସନ୍ତା ଆଠ ବର୍ଷ ମଧ୍ୟରେ ୧୨,୧୫୯ କୋଟି ଟଙ୍କାର ପୁଞ୍ଜି ବ୍ୟୟରେ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ କରି ପ୍ରାୟ ୧୦୦ଟି ବିମାନବନ୍ଦର ବିକାଶ କରିବାକୁ ଯୋଜନା କରିଛନ୍ତି। ଏହାସହିତ ଆଞ୍ଚଳିକ ଏରୋଡ୍ରୋମଗୁଡିକର କାର୍ଯ୍ୟକ୍ଷମତା ଓ ରକ୍ଷଣାବେକ୍ଷଣ ପାଇଁ ସେମାନଙ୍କର ସ୍ଥାୟୀତ୍ୱ ନିଶ୍ଚିତ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଶେଷ ମାଇଲ୍ ସଂଯୋଗୀକରଣ ଆହ୍ୱାନକୁ ଦୂର କରିବା ପାଇଁ ବିଶେଷ କରି ଦୂରବର୍ତ୍ତୀ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଏହି ଯୋଜନା ୩,୬୬୧ କୋଟି ଟଙ୍କାର ଆନୁମାନିକ ବିନିଯୋଗରେ ୨୦୦ଟି ଆଧୁନିକ ହେଲିପ୍ୟାଡ୍ ବିକାଶ କରାଯିବ। ଆଞ୍ଚଳିକ ମାର୍ଗଗୁଡ଼ିକୁ ବଜାୟ ରଖିବା ପାଇଁ ଏୟାର-ଲାଇନ୍ ଅପରେଟରମାନେ ୧୦ ବର୍ଷ ମଧ୍ୟରେ ୧୦,୦୪୩ କୋଟି ଟଙ୍କା ମୂଲ୍ୟର ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ସହାୟତା ମଧ୍ୟ ପାଇବେ। ଏହି ଯୋଜନାରେ ପବନ ହଂସ ପାଇଁ ହାଲ୍ ଧ୍ରୁଭ ହେଲିକପ୍ଟର ଓ ଆଲାଏନ୍ସ ଏୟାର ପାଇଁ ଡର୍ଣ୍ଣିୟର ବିମାନ ସମେତ ସ୍ୱଦେଶୀ ବିମାନ କ୍ରୟ ଅନ୍ତର୍ଭୁକ୍ତ କରାଯାଇଛି। ୨୦୧୬ ରେ ଆରମ୍ଭ ହୋଇଥିବା ମୂଳ ଉଡାନ୍ ଯୋଜନା ପୂର୍ବରୁ ୯୫ ଟି ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ୱାଟର ଏରୋଡ୍ରୋମରେ ୬୬୩ଟି ରୁଟ୍ କାର୍ଯ୍ୟକ୍ଷମ କରିସାରିଛି ଯେଉଁଥିରେ ୩.୪୧ ଲକ୍ଷରୁ ଅଧିକ ବିମାନ ୧୬୨ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛି।

### ସମ୍ପାଦକୀୟ
### ଇଏ ବି ଏକ ଯୁଦ୍ଧ

### ବାଟେଘାଟେ



ଚାରିଆଡେ ଏବେ ଗ୍ୟାସ୍ ସଙ୍କଟ
କାନ୍ଦୁ ଅଛି ହାଣ୍ଡି ଶାଳ
ଷ୍ଟୋଭ କିରୋସିନି ଖୋଜା ହୋଇଲାଣି
ଚୁଲି ପାଇଁ କାଠ ଜାଳ
ଅବସ୍ଥାଟି ଅସମ୍ଭାଳ
ଆହାର କେନ୍ଦ୍ର ବି ବନ୍ଦ ହୋଇଯିବ
କୁଆଡୁ ପାଇବେ ଜାଳ
ହୋଟେଲବାଲା ବିକଳ
ଗ୍ରାହକ ବିଚରା ଜଳ ଖିଆ ଖାଇ
କଟାଇ ଦେଉଛି ବେଳ

-ରାହୀ

### ରତ୍ନଭଣ୍ଡାର ଗଣତିମଣତି
## ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ୮୦% ଗଣତି ଶେଷ



ପୁରୀ : ମହାପ୍ରଭୁଙ୍କର ରତ୍ନଭଣ୍ଡାରର ଗଣତିମଣତି ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଚଳନ୍ତି ଭଣରର ଅଳଙ୍କାର ଗଣତିମଣତି କରାଯାଇଛି। ଆଜି ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି, କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୂଲ୍ୟବାନ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷ ଆଜି ମଧ୍ୟାହ୍ନରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରାୟ ୬ଘଣ୍ଟା ପର୍ଯ୍ୟନ୍ତ ଗଣତି କରିଥିଲେ। ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରିଥିଲେ। ପ୍ରଥମ ଦିନରେ ମହାପ୍ରଭୁଙ୍କର ଦୈ?ନନ୍ଦିନ ବ୍ୟବହୃତ ସୁବର୍ଣ୍ଣର ଗଣତି ହୋଇଛି। ଅଳଙ୍କାର ଗଣତି ସମୟରେ ୩ଡି ମ୍ୟାପିଂ, ଫଟୋ ଓ ଭିଡିଓ ରେକର୍ଡିଂ କରାଯାଇଛି। ଶ୍ରୀ ପାଢ଼ୀ କହିଛନ୍ତି ଯେ, ଚଳନ୍ତି ଭଣ୍ଡାର ପରେ ବାହାର ଭଣ୍ଡାର ଗଣତି ହେବ। ଶେଷରେ ଭିତର ରତ୍ନଭଣ୍ଡାର ଗଣତି ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ନିର୍ଦ୍ଦେଶ ଅନୁସାରେ ପ୍ରକ୍ରିୟା ଜାରି ରହିଛି। ଆମେ କହିପାରିବା ଯେ, ଭଣ୍ଡାର ମେକାପ ସେବକ ନିର୍ଦ୍ଦେଶ ଅନୁସାରେ ଗଣତିମଣତି ଆଜି ସରିଛି। ପୂର୍ଣ୍ଣାଙ୍ଗ ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୧୯୭୮ର ତାଲିକା ପରେ ମଧ୍ୟ ଭଣ୍ଡାର ମେକାପ ପାଖରେ ଥିବା ଗହଣାର ମଧ୍ୟ ତାଲିକା କରାଯାଉଛି।




# ଅଁଳା ସହ ହଳଦୀ ଜୁସ୍‌ର ଫାଇଦା

କଞ୍ଚା ହଳଦୀ ଓ ଅଁଳା ଉଭୟ ଖୁବ୍ ଗୁଣକାରୀ । ଯଦି ଉଭୟକୁ ଏକାଠି କରି ଜୁସ୍ ପିଅନ୍ତି, ତେବେ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ନିଶ୍ଚୟ । ଆଜିକାଲି ପ୍ରାୟ ଲୋକ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ଜିନିଷ ଆଡକୁ ଢଳିବାରେ ଲାଗିଛନ୍ତି । ଆୟୁର୍ବେଦ ସହ ଆଧୁନିକ ବିଜ୍ଞାନ ମଧ୍ୟ ଉଭୟ ଅଁଳା ଓ କଞ୍ଚା ହଳଦୀର ଔଷଧୀୟ ଗୁଣକୁ ସ୍ୱୀକାର କରିଛନ୍ତି । କଞ୍ଚା ହଳଦୀରେ ଥିବା କର୍କ୍ୟୁମିନ୍ ଶରୀରର ପ୍ରଦାହକୁ କମ୍ କରିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ । ସେହିପରି ଅଁଳା ଭିଟାମିନ୍-ସି' ର ପ୍ରମୁଖ ସ୍ରୋତ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବା ସହ କେଶ, ତ୍ୱଚା ଓ ହଜମ ପ୍ରକ୍ରିୟାକୁ ଲାଭ ପହଞ୍ଚାଇଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢେ**

କଞ୍ଚା ହଳଦୀ ଓ ଅଁଳା ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଅଁଳାର ଭିଟାମିନ୍-ସି' ଶରୀରର ସଂକ୍ରମଣ ଓ ଭାଇରସ୍ ସହ ଲଢୁଥିବା ବେଳେ ହଳଦୀର ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ବହୁରୋଗରୁ ରକ୍ଷା କରେ । ଋତୁ ପରିବର୍ତ୍ତନ ସମୟରେ ହେଉଥିବା କାଶ ଓ ଭାଇରାଲ୍ ସଂକ୍ରମଣରୁ ରକ୍ଷା କରେ । ଏ ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଏ ।

**ଶରୀରକୁ ଡିଟକ୍ସ କରେ**

ଆଜିକାଲି ଭୁଲ ଖାଦ୍ୟପାନୀୟ, ଜଙ୍କ୍‌ଫୁଡ୍ ଓ ପ୍ରଦୂଷଣ କାରଣରୁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବାରେ ଲାଗିଛି । ଏହା ଲିଭର୍ ଫଙ୍କସନରେ ସୁଧାର ଆଣିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ । ଅଁଳା ପାଚନ ପ୍ରକ୍ରିୟାରେ ସୁଧାର ଆଣିବା ସହ ହଳଦୀ ପ୍ରଦାହକୁ କମ୍ କରିଥାଏ ।

**ତ୍ୱଚାକୁ ଫାଇଦା ପହଞ୍ଚାଏ**

ଅଁଳାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଫ୍ରି-ରେଡିକଲ୍ସରୁ ରକ୍ଷା କରିଥାଏ । ହଳଦୀ ତ୍ୱଚାକୁ ପ୍ରଦାହ ଓ ବ୍ରଣଠାରୁ ଦୂରେଇ ରଖେ । ଏପରିକି ଚର୍ମକୁ ପୋଷଣ ଦେବା ସହ ଦୀର୍ଘଦିନ ଯାଏ ନମନୀୟତା ବଜାୟ ରଖିଥାଏ । ଏହାବ୍ୟତୀତ ବୟସକୁ ମଧ୍ୟ ବାନ୍ଧି ରଖେ ।

**ହଜମ ପ୍ରକ୍ରିୟାକୁ ସୁଧାରେ**

ଡାଏଟିସିଆନଙ୍କ ଅନୁସାରେ କଞ୍ଚା ହଳଦୀ ଓ ଅଁଳାଜୁସ୍ ହଜମ ପ୍ରକ୍ରିୟାକୁ ବଢାଇଥାଏ । ଏହା ଗ୍ୟାସ୍, ବଦ୍‌ହଜମୀ ପରି ସମସ୍ୟାକୁ ଦୂର କରେ । ଅଁଳା ପେଟ ସହ ଅନ୍ତଃନଳୀରେ ସୁଧାର ଆଣିଥାଏ । ଯେଉଁମାନଙ୍କର ବାରମ୍ବାର ପେଟ ସମସ୍ୟା ହେଉଛି, ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ ।

**ଡାଏଟିସିଆନଙ୍କ ପରାମର୍ଶ**

ଡାଏଟିସିଆନଙ୍କ ମତରେ ଏହି ଜୁସ୍ ଫାଇଦା ଦିଏ, ତଥାପି ସୀମିତ ମାତ୍ରାରେ ନେବା ଉଚିତ୍ । କାରଣ କିଛି ଲୋକଙ୍କ ପେଟରେ ଏହା ଜ୍ୱଳନ ଅବା ଏସିଡିଟି ସମସ୍ୟା ସୃଷ୍ଟି କରିଥାଏ । ଯେଉଁମାନେ ଗମ୍ଭୀର ସମସ୍ୟା ଯୋଗୁ କୌଣସି ଔଷଧ ନେଉଥାନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଜୁସ୍ ପିଇବା ଉଚିତ ।



# ଆଜିର ରାଶିଫଳ

**ମେଷ** — ଶାସ୍ତ୍ରପଟୁ ହେବେ । ପୁଣ୍ୟଦେହୀ ହୋଇପାରନ୍ତି । ସୁବର୍ଣ୍ଣାଦିଯୁକ୍ତ ହେବେ । ରୂପବାନ୍ ହେବେ । ରାଜବଂଶ ପୂଜିତ ହୋଇପାରନ୍ତି । ବ୍ୟବସାୟରୁ ପ୍ରଚୁର ଧନ ଲାଭ ହେବ । ଉତ୍ତମ ବ୍ୟକ୍ତିତ୍ୱସମ୍ପନ୍ନ ହେବେ ।

**ବୃଷ** — ବାଣିଜ୍ୟ କାରବାରରୁ ଧନାଗମ ହେବ । ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ହେବେ । ଉପଯୁକ୍ତ କର୍ମାନୁରକ୍ତ ହେବେ । ଯଶସ୍ୱୀ ହୋଇପାରନ୍ତି । ଧନଶାଳୀ ହେବାର ସୂଚନା ମିଳୁଛି । ସରକାରୀ ସ୍ତରରୁ ଧନାଗମ ହୋଇପାରେ ।

**ମିଥୁନ** — ସାମର୍ଥ୍ୟର ପରିପ୍ରକାଶ ଘଟିବ । ଧନାଗମର ସୂଚନା ମିଳୁଛି । ନବବସ୍ତ୍ର ପରିଧାନର ଶୁଭ ଯୋଗ ଅଛି । ଯାନବାହନ ସୁଖ ମିଳିବ । ସରକାରୀ ଅର୍ଥ ମିଳିପାରେ । କର୍ମଫଳ ଉତ୍ତମ ମାନର ହେବ । ସର୍ବତ୍ର ବିଜୟୀ ହେବେ ।

**କର୍କଟ** — ସନ୍ମାର୍ଗୀ ହେବେ । ଜ୍ଞାନ, ଗରିମା ଯୁକ୍ତ ହୋଇପାରନ୍ତି । ବିବିଧ ଉପାୟରେ ଧନ ଅର୍ଜନ କରିପାରନ୍ତି । ରାଜନୀତି କ୍ଷେତ୍ରରେ ପାରଙ୍ଗମ ହେବେ । ସୁଖୀ ହେବେ । ଯଶସ୍ୱୀ ହେବେ । ସର୍ବତ୍ର ବିଜୟୀ ହେବେ ।

**ସିଂହ** — ଧନବାନ୍ ହେବେ । ଅପାର ଗୁଣର ଅଧିକାରୀ ହୋଇପାରନ୍ତି । ବଳବାନ୍ ହୋଇପାରନ୍ତି । ଉପାର୍ଜନର ମାତ୍ରା ବୃଦ୍ଧି ହେବ । ଚିନ୍ତାଧାରା ଉନ୍ନତମାନର ହେବ । ନୂଆ ବନ୍ଧୁଙ୍କଠାରୁ ସହାୟତା ମିଳିବ ।

**କନ୍ୟା** — କର୍ମଚଞ୍ଚଳ ରହିବେ । ମଧୁର କଥାରେ ପରକୁ ଆପଣାର କରି କାର୍ଯ୍ୟ ହାସଲ କରିପାରନ୍ତି । ସାଧନା ଫଳବତୀ ହେବ । ମାନ୍ଦାଗ୍ନି ଭୋଗ କରିପାରନ୍ତି । ଧର୍ମ କାର୍ଯ୍ୟରେ ଧନ ଲାଭ କରିପାରନ୍ତି ।

**ତୁଳା** — ଶାସ୍ତ୍ରାଭ୍ୟାସୀ ହେବେ । ବିନୀତ ସ୍ୱଭାବସମ୍ପନ୍ନ ହୋଇପାରନ୍ତି । ସ୍ତ୍ରୀ ଧନ ହେତୁ ସୁଖୀ ହେବେ । ମନ୍ତ୍ରଣାଦାତା ହୋଇପାରନ୍ତି । କାବ୍ୟକର୍ତ୍ତା ହେବେ । ନୃତ୍ୟ ସଙ୍ଗୀତ ପ୍ରିୟ ହେବେ । ଉପଯୁକ୍ତ କର୍ମାନୁରକ୍ତ ହୋଇପାରନ୍ତି ।

**ବିଛା** — ସରକାରୀ ଅର୍ଥ ମିଳିପାରେ । ଗୃହ ପରିବେଶ ଉତ୍ତମ ମାନର ହେବ । ବହୁବିଧ ଧନର ଅଧିକାରୀ ହେବେ । ଉତ୍ତମ ଗୁଣଯୁକ୍ତ ହେବେ । ସୁଭାଷୀ ଓ ସୁବିଦ୍ୟାଯୁକ୍ତ ହେବେ । ଦର୍ଶନୀୟ ହୋଇପାରନ୍ତି । ଭୋଗୀ ହେବେ ।

**ଧନୁ** — ଉତ୍ତମ ମିତ୍ରଙ୍କ ସାନ୍ନିଧ୍ୟ ମିଳିବ । ପୁତ୍ର ସୁଖରେ ସୁଖୀ ହେବେ । ମନ୍ତ୍ର-ଶାସ୍ତ୍ରାଦି ଆୟତ୍ତ କରି ପାଣ୍ଡିତ୍ୟର ପରିପ୍ରକାଶ ଘଟାଇ ପାରନ୍ତି । ଯାନବାହନଯୁକ୍ତ ହେବା ସହିତ ଉତ୍ତମ ବଚନାଦିରେ ପଟୁ ହେବେ ।

**ମକର** — ଜିତେନ୍ଦ୍ରିୟ ହେବେ । ପ୍ରବଳ ପରାକ୍ରମୀ ହୋଇପାରନ୍ତି । କୀର୍ତ୍ତିମାନ୍ ହେବେ । ଜନବଲ୍ଲଭବରେ ପରିଗଣିତ ହେବେ । ଅତ୍ୟଧିକ ମାନସିକ ଦୁଶ୍ଚିନ୍ତାର ଶିକାର ହୋଇପାରନ୍ତି । ଅସୁସ୍ଥତା ଅନୁଭବ କରିପାରନ୍ତି ।

**କୁମ୍ଭ** — ରାଜତୁଲ୍ୟ ହୋଇପାରନ୍ତି । ଦେଶାଦିର ଆଧିପତ୍ୟ ଲାଭ କରିବେ । ଧର୍ମପ୍ରିୟ ହେବେ । ପାଣ୍ଡିତ୍ୟ ଅର୍ଜନ କରିପାରନ୍ତି । କର୍ମଚଞ୍ଚଳ ରହିବେ । ପତ୍ନୀ ସ୍ଥିର ସ୍ୱଭାବ, ପତିବ୍ରତା ଓ ଦେବ, ବ୍ରାହ୍ମଣ ସଙ୍ଗଯୁକ୍ତା ହେବେ ।

**ମୀନ** — ହର୍ଷଯୁକ୍ତ ଓ ବିଶୁଦ୍ଧଭାଷୀ ହେବେ । ଧନଶାଳୀ ହୋଇପାରନ୍ତି । ବହୁ ମୁକ୍ତାର ଅଧିକାରୀ ହେବେ । ଶାନ୍ତ, ନିପୁଣ ଓ ମେଧାବୀ ହୋଇପାରନ୍ତି । ଜିତେନ୍ଦ୍ରିୟ ହେବେ । ବିଦ୍ୱାନ୍ ହୋଇପାରନ୍ତି । ଦୟାଳୁ ହୋଇପାରନ୍ତି ।

# କାହିଁକି ହେଲା ଅଶୋକାଷ୍ଟମୀ ?



ଚୈତ୍ରମାସ ଶୁକ୍ଳ ଅଷ୍ଟମୀ ତିଥିରେ ଅଶୋକାଷ୍ଟମୀ ପଡ଼ିଥାଏ । ଏହିଦିନ ଲିଙ୍ଗରାଜଙ୍କର ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କ ସହ ବାସୁଦେବ ଏବଂ ରୁକ୍ମିଣୀଙ୍କୁ ରଥରେ ବସାଇ ରାମେଶ୍ୱର ମନ୍ଦିର ଯାଏଁ ନିଆଯାଏ । ଏହି ରଥର ନାମ ରୁକୁଣା ରଥ । ରୁକୁଣା ରଥକୁ ଅଣଲେଉଟା ରଥ ବୋଲି କୁହାଯାଏ । ଏ ରଥକୁ ଏପରି କହିବାର ଅର୍ଥ ଏହା ଯେ ଏହାର ବାହୁଡ଼ା ଯାତ୍ରା ବେଳେ ରଥକୁ ବୁଲାଇ ମୋଡ଼ାଯାଏ ନାହିଁ । କେବଳ ରଥର ସମ୍ମୁଖ ଭାଗକୁ ବନ୍ଦ କରାଯାଇ ରଥ ଉପରେ ଥିବା ସିଂହାସନକୁ ପଛକୁ ଘୁରାଇ ଦିଆଯାଏ ଯାହାକି ସମ୍ମୁଖ ପାର୍ଶ୍ୱ ରୂପେ କାର୍ଯ୍ୟ କରେ । ଅଶୋକାଷ୍ଟମୀ ପରଦିନ ରାମ ନବମୀ ପାଳନ କରାଯାଏ । ରାମନବମୀ ପୂର୍ବଦିନ ଅଶୋକ ନାମ ଯୋଡ଼ିହୋଇ ଥିବାରୁ ରାମାୟଣର ଅଶୋକବନ କଥା ମନକୁ ଆସେ । ଏହିଦିନ ସୀତା ଅଶୋକ ଜଳପାନ କରି ଦୁଃଖ ଭୁଲିଯାଇଥିବାରୁ ସେହିଦିନଠାରୁ ଏହିଦିନଟି ପ୍ରସିଦ୍ଧ ହୋଇଛି ବୋଲି ଲୋକକଥା ରହିଛି ।

ଭେଷଜ ଶାସ୍ତ୍ରରୁ ଜଣାଯାଏ ଅଶୋକ ବୃକ୍ଷ ସ୍ତ୍ରୀଲୋକଙ୍କ ପାଇଁ ଖୁବ ଉପକାରୀ । ବିଶେଷକରି ପୁନର୍ବସୁ ନକ୍ଷତ୍ରରେ ଏହା ସେବନ କଲେ ଅଧିକ ଫଳପ୍ରଦ ହୁଏ । କିଛିଲୋକଙ୍କ ମତରେ ରାବଣ ଜଣେ ବୈଜ୍ଞାନିକ ଥିଲେ ଏବଂ ସ୍ତ୍ରୀଲୋକଙ୍କ ପ୍ରଧାନ ଋତୁଜନିତ ରୋଗ ନିରାକରଣ ନିମିତ୍ତ ଅଶୋକବନ ସୃଷ୍ଟି କରିଥିଲେ । ଏହି ବନରେ ସୀତାଙ୍କୁ ରଖିଲେ ତାଙ୍କର ଶାରୀରିକ ବିଶେଷତଃ ସ୍ତ୍ରୀରୋଗ ହେବ ନାହିଁ ବୋଲି ରାବଣ ସୀତାଙ୍କୁ ସେଠାରେ ରଖାଇଥିଲେ ।

ପୌରାଣିକ କାହାଣୀ:

ପୁରାଣ ଅନୁଯାୟୀ, ରାବଣଦ୍ୱାରା ଅପହୃତା ସୀତା ଅଶୋକ ବନରେ ଥିବା ସମୟରେ ପୁନର୍ବସୁ ନକ୍ଷତ୍ରଯୁକ୍ତ ଏହି ଅଷ୍ଟମୀ ତିଥିରେ ପ୍ରଭୁ ରାମଙ୍କ ସହିତ ପୁନର୍ମିଳନ ପାଇଁ ସେ ଅଶୋକ କଢ଼ି ଦ୍ୱାରା ଶିବ ଆରାଧନା କରିଥିଲେ । ସେହି ପରମ୍ପରା ଅନୁଯାୟୀ ନିଜର ଏବଂ ନିଜ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂରୀକରଣ ପୂର୍ବକ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ପାଇଁ ଏହି ଦିନ ହିନ୍ଦୁ ନାରୀମାନେ ବ୍ରତ ପାଳନ ପୂର୍ବକ ଆଠଟି ଅଶୋକ କଢ଼ି ଶିବଙ୍କୁ ସମର୍ପଣ କରି ନିଜର ଉପବାସ ଭଙ୍ଗ କରିଥାନ୍ତି ।

ଅନ୍ୟ ଏକ ମତ ଅନୁଯାୟୀ, ରାବଣକୁ ମାରି ବ୍ରହ୍ମହତ୍ୟା ପାପ ଅର୍ଜନ କରିଥିବା କାରଣରୁ କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶକ୍ରମେ ଭଗବାନ ରାମଚନ୍ଦ୍ର ସପରିବାର ଏକାମ୍ର ବନକୁ ଆସି ପ୍ରଭୁ ଲିଙ୍ଗରାଜଙ୍କର ପୂଜା ଅର୍ଚ୍ଚନା କରିଥିଲେ । ଏଥିରେ ଲିଙ୍ଗରାଜ ସନ୍ତୁଷ୍ଟ ହୋଇ ରାମେଶ୍ୱରଠାରେ ମନ୍ଦିର ପ୍ରତିଷ୍ଠା ପୂର୍ବକ ପୂଜା ଅର୍ଚ୍ଚନା କରିବାକୁ ରାମଚନ୍ଦ୍ରଙ୍କୁ କହିଥିଲେ ଏବଂ ବର ଯାଚନା କରିଥିଲେ । ପ୍ରତ୍ୟେକ ବର୍ଷ ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରାମେଶ୍ୱର ପୀଠକୁ ଆସି ପୂଜା ଗ୍ରହଣ କରିବା ପାଇଁ ରାମଚନ୍ଦ୍ରଙ୍କ ଅନୁରୋଧ ରକ୍ଷା କରିବାକୁ ବଚନବଦ୍ଧ ହୋଇଥିବାରୁ, ପ୍ରଭୁ ଲିଙ୍ଗରାଜ ଏହିଦିନ ରଥଯାତ୍ରାରେ ରାମେଶ୍ୱର ମନ୍ଦିର ଆସି ପୁରୁଷୋତ୍ତମ ରାମଚନ୍ଦ୍ର ଓ ତାଙ୍କ ଭାଇମାନଙ୍କ ପୂଜା ଆତିଥ୍ୟ ଗ୍ରହଣ କରିଥାନ୍ତି । ଲିଙ୍ଗରାଜ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ବାସୁଦେବ ଓ ଲକ୍ଷ୍ମୀରୂପୀ ରୁକ୍ମିଣୀ ରଥଯାତ୍ରାରେ ଯାଉଥିବା ହେତୁ ରୁକ୍ମିଣୀଙ୍କ ନାମରେ ଏହି ରଥକୁ ରୁକୁଣା ରଥ କୁହାଯାଏ ।

କିପରି ହୁଏ ରଥ କାମ:

ଓଡ଼ିଶାର ଗେଜେଟିଅରର୍ସ-ପୁରୀ (୧୯୭୭ ମସିହା) ତଥ୍ୟାନୁଯାୟୀ ବସନ୍ତ ପଞ୍ଚମୀ ଦିନ ମନ୍ଦିରର ବାଉରୀ ସେବାକୁ ନୂତନ ବସ୍ତ୍ର ଦେଇ ରଥକାଠ ସଂଗ୍ରହ କରିବାକୁ ବରଣ କରାଯାଏ । ସେମାନେ ଶିବରାତ୍ରିର ଆଠ ଦିନ ପୂର୍ବରୁ ଜଙ୍ଗଲକୁ ଯାଇ ସେଠାରେ ରଥକାଠ ଚୟନ ପୂର୍ବକ ପୂଜାର୍ଚ୍ଚନା କରି ମନ୍ଦିରକୁ ଆଣନ୍ତି ଏବଂ ମହାଶିବରାତ୍ରି ପରେ ରଥ କାମ ଆରମ୍ଭ ହୁଏ । ଏହି ରଥ ଚାରିଚକ ବିଶିଷ୍ଟ ହୋଇଥିବାବେଳେ ଏହାର ଉଚ୍ଚତା ୩୫ ଫୁଟ ହୋଇଥାଏ । ରଥ ଉପରିସ୍ଥ ପତାକାରେ ଅର୍ଦ୍ଧଚନ୍ଦ୍ର ଚିହ୍ନ ଅଙ୍କିତ ହୋଇଥାଏ । ରଥର ଚାରିପାର୍ଶ୍ୱରେ ସୂର୍ଯ୍ୟ, ବରୁଣ, ଅଗ୍ନି, ଇନ୍ଦ୍ର, ଦୁର୍ଗା, ଶିବ, ଯମ ଓ କାର୍ତ୍ତିକେୟଙ୍କ ମୂର୍ତ୍ତି କାଠରେ ଖୋଦିତ ହୋଇଥାଏ । ରଥଯାତ୍ରା ପୂର୍ବ ଦିନ ପୁରୀରୁ ନିମନ୍ତ୍ରିତ ହୋଇ ଆସିଥିବା କ୍ଷେତ୍ରବାସୀ ବ୍ରାହ୍ମଣଙ୍କ ଦ୍ୱାରା ରଥ ମାର୍ଜନା ଓ ପବିତ୍ରକରଣ କରାଯିବା ପରେ ରଥ ଶୀର୍ଷରେ ପତାକା ଖଞ୍ଜାଯାଇଥାଏ । ଏହାକୁ ନେତ ଉତ୍ସବ କୁହାଯାଏ ।

ଅନ୍ୟାନ୍ୟ ପରମ୍ପରା:

ଏକାମ୍ର ପୁରାଣ ଅନୁଯାୟୀ, ଏହି ନେତ ଉତ୍ସବ ରାତିରେ କୌଣସି ବନ୍ଧ୍ୟାନାରୀ ମୁକ୍ତେଶ୍ୱର ମନ୍ଦିରର ମରିଚିକୁଣ୍ଡରେ ଉଲଗ୍ନ ହୋଇ ସ୍ନାନ କଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାଏ । ଅଶୋକାଷ୍ଟମୀ ଦିନ ପ୍ରାତଃ କାଳରେ ପ୍ରଥମେ ମନ୍ଦିରର ମଙ୍ଗଳ ଆଳତୀ, ସାହାଣ ମେଲା, ମହାସ୍ନାନ ଓ ଅନ୍ୟପୂଜା ଆଦି ସମାପନ ପରେ ପ୍ରଥମେ ରୁକୁଣାରଥକୁ ପୂଜା କରାଯାଏ । ରଥର ମଝିରେ ରୁକ୍ମିଣୀ, ଡାହାଣ ପାର୍ଶ୍ୱରେ ଚନ୍ଦ୍ରଶେଖର ଏବଂ ବାମ ପାର୍ଶ୍ୱରେ ବାସୁଦେବ ବିରାଜମାନ ହୁଅନ୍ତି । ଏହାପରେ ରଥଟଣା ଆରମ୍ଭ ହୋଇଥାଏ । ରଥଟଣା ସରିବା ପରେ ରଥ ଯାଇ ମାଉସୀମା' ଛକ ନିକଟରେ ଥିବା ରାମେଶ୍ୱର ମନ୍ଦିରରେ ରହେ । ପ୍ରଭୁ ଲିଙ୍ଗରାଜ ସେଠାରେ ପାଞ୍ଚ ଦିନ ରହି ପୁନର୍ବାର ନିଜ ମନ୍ଦିରକୁ ବାହୁଡି ଆସନ୍ତି । ଅଶୋକାଷ୍ଟମୀ ଉତ୍ସବ ଭୁବନେଶ୍ୱର ସମେତ ନିରାକାରପୁର ନିକଟସ୍ଥ ଡିଆ ଗ୍ରାମର ଅଧୀଶ୍ୱର କପିଳେଶ୍ୱର ଓ ପୁରୀ ଜିଲ୍ଲାର ଷୋଳଶାସନ ଅନ୍ତର୍ଗତ ରାୟ ଚକ୍ରଧରପୁରର ନୀଳକଣ୍ଠେଶ୍ୱର ଦେବଙ୍କ ଉଦ୍ଦେଶ୍ୟରେ ମଧ୍ୟ ପାଳିତ ହୁଏ ।

# ଛେନା ଝିଲି

**ଆବଶ୍ୟକ ସାମଗ୍ରୀ :** ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ଛେନା, ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ । ଏହାପରେ ବଜାର କିମ୍ବା ଘରେ ବନେଇଥିବା ଛେନା ଆଣନ୍ତୁ । ଏହାକୁ ଏକ ପାତ୍ରରେ ରଖି ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ । ଏହା ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି,ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଏହାପରେ ତାକୁ କିଛି ସମୟ ପାଇଁ ଘୋଡ଼ାଇ ରଖି ଦିଅନ୍ତୁ ।ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢ଼ନ୍ତୁ । ଏହାପରେ ଚୁଲିରେ କଡେଇ ବସାନ୍ତୁ, କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ଗଢ଼ି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ । ଛେନା ଝିଲିର ରଙ୍ଗ ବାଦାମୀ ହେଲା ପର୍ଯ୍ୟନ୍ତ ଛାଣନ୍ତୁ । ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ ମିଠା 'ଛେନା ଝିଲି' । ଛେନା ଝିଲିକୁ ତିଆରି କରି ନିଜେ ଖାଆନ୍ତୁ, ପରିବାର ଲୋକଙ୍କୁ ଖୁଆନ୍ତୁ ।




# ଦ୍ୱିତୀୟ ବିବାହ କଲେ ବାଦଶାହା



ପୁଣିଥରେ ବିବାହ ବନ୍ଧନରେ ବାନ୍ଧି ହେଲେ ଜଣାଶୁଣା ଗାୟକ ତଥା ରାପର୍ ବାଦଶାହା । ବାଦଶାହା ପଞ୍ଜାବୀ ଅଭିନେତ୍ରୀ ତଥା ମଡେଲ ଇଶା ରିଖିଙ୍କୁ ବିବାହ କରିଛନ୍ତି । ଯାହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଅନେକ ଦିନ ଧରି ବାଦଶାହଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ହେଉଥିଲା, କିନ୍ତୁ କିଛି ନିଶ୍ଚିତ ହୋଇନଥିଲା । ଏହି ଦମ୍ପତି ଅତି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ବିବାହ କରିଛନ୍ତି ।ଏହା ବାଦଶାହାଙ୍କ ଦ୍ୱିତୀୟ ବିବାହ । ସେ ପୂର୍ବରୁ ୨୦୧୨ ମସିହାରେ ଜାସ୍ମିନ୍ ମାସିହଙ୍କୁ ବିବାହ କରିଥିଲେ । କିନ୍ତୁ, ୨୦୨୦ ମସିହାରେ ଉଭୟଙ୍କ ସହମତିରେ ଛାଡପତ୍ର ହୋଇଥିଲା । ଏବେ, ସେମାନଙ୍କ ଛାଡପତ୍ରର ୬ ବର୍ଷ ପରେ, ବାଦଶାହା ଦ୍ୱିତୀୟ ଥର ବିବାହ କରିଛନ୍ତି । ହେଲେ ଏପର୍ଯ୍ୟନ୍ତ ବାଦଶାହା ତାଙ୍କ ବିବାହ ଖବରକୁ ନିଶ୍ଚିତ କରିନାହାଁନ୍ତି । ବାଦଶାହ ପଞ୍ଜାବୀ ଅଭିନେତ୍ରୀ ଏବଂ ମଡେଲ ଇଶା ରିଖିଙ୍କୁ ତାଙ୍କ ଜୀବନସାଥୀ ଭାବରେ ବାଛିଛନ୍ତି । ଏହି ଦମ୍ପତିଙ୍କ ବିବାହ ଉତ୍ସବ ସରଳ ଥିଲା, ଯେଉଁଥିରେ ସେମାନଙ୍କ ପରିବାର ଏବଂ ନିକଟତର ବନ୍ଧୁମାନେ ଯୋଗ ଦେଇଥିଲେ । ଗୋଟିଏ ଭିଡିଓରେ, ଦମ୍ପତି ଫୁଲମାଳ ଆଦାନପ୍ରଦାନ କରିଥିଲେ । ଅନ୍ୟ ଏକ ଭିଡିଓରେ, ସେମାନେ ବିବାହ ରୀତିନୀତି ପାଳନ କରୁଥିବାର ଦେଖାଯାଇଥିଲା । ଇଶା ରିଖିଙ୍କ ମାଆ ଏବଂ ଭଉଣୀ ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିଥିଲେ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର



ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ତେବେ ଏହାର ଏକ ଖାସ୍ ଗୁଣ ରହିଛି । ତାହା କ'ଣ ଜାଣନ୍ତି ? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି । କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି । କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ । ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ । କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ୍ୟ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି ।

# ଶିମ୍ଲା ଲଙ୍କା ଖାଇବାର ଫାଇଦା

ଅନ୍ୟ ସବୁଜ ପନିପରିବା ପରି ଶିମ୍ଲା ଲଙ୍କାରେ ମଧ୍ୟ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ଭରି ରହିଥାଏ; ଯାହା ଆମ ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ । ଯେମିତିକି: ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ରହୁଥିବାରୁ ଏହାକୁ ଖାଇଲେ ଓଜନ କମିବାରେ ସହାୟକ ହୋଇଥାଏ । ଶରୀରରେ କୋଲେଷ୍ଟରଲ୍ ମାତ୍ରା ବି ନିୟନ୍ତ୍ରଣରେ ରହିଥାଏ । ତା'ଛଡ଼ା ଏଥିରେ ଆଇରନ୍ ଓ ଭିଟାମିନ୍-ସି ଟିକେ ଅଧିକ ପରିମାଣରେ ଥାଏ । ଆଇରନ୍ ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରାକୁ ବୃଦ୍ଧି କରିବାରେ ସହାୟକ ହେଉଥିବାବେଳେ ଭିଟାମିନ୍ ସି ଶରୀରରେ ଆଇରନ୍‌ର ମାତ୍ରାକୁ ଅବଶୋଷିତ କରିବାରେ ବିଶେଷ ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ ଶିମ୍ଲା ଲଙ୍କାରେ ଭିଟାମିନ୍-ସି ପ୍ରଚୁର ମାତ୍ରାରେ ରହୁଥିବାରୁ, ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ । କୁହାଯାଏ, ଆଖି ପାଇଁ ଶିମ୍ଲା ଲଙ୍କା ଖୁବ୍ ଉପକାରୀ । ନିୟମିତ ଏହାକୁ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହେବା ସହ ମୋତିଆବିନ୍ଦୁ ସମସ୍ୟାରୁ ମଧ୍ୟ ଅନେକ ଉପଶମ ମିଳିଥାଏ । କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚାକୁ ସୁନ୍ଦର ଆଉ ସତେଜ ରଖିବାରେ ମଧ୍ୟ ଏହା ବେଶ୍ ଲାଭଦାୟକ ହୋଇଥାଏ । କବ୍ଜ, ଗ୍ୟାସ୍ ତଥା ପେଟ ଦରଜ ଆଦି ସମସ୍ୟାରୁ ବି ଶିମ୍ଲା ଲଙ୍କା ଅନେକ ଉପଶମ ଦେଇଥାଏ ।




### ରାଜ୍ୟରେ ରେକର୍ଡ ଧାନ ସଂଗ୍ରହ

# ମଣ୍ଡିକୁ ଆସିଲାଣି ୭୫ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ

ଭୁବନେଶ୍ୱର, (ପିପିଏସ୍): ରାଜ୍ୟରେ ଚଳିତ ଖରିଫ ଋତୁରେ ୨୦୨୫-୨୬ ବର୍ଷ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚିଛି। ସରକାରୀ ସୂତ୍ରରୁ ମିଳିଥିବା ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫,୪୫,୩୮୧ ମେଟ୍ରିକ ଟନ୍ ଧାନ ଆସିଥିବା ବେଳେ ସେଥିମଧ୍ୟରୁ ୭୫,୨୦,୨୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି।



ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୧୮,୧୧,୯୮୮ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଛନ୍ତି। ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩,୪୬,୨୨୬ ମେଟ୍ରିକ ଟନ୍ ଧାନ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଏମଏସପି ସହାୟକ ହୋଇଛି, ଯାହା ଦ୍ୱାରା ଚାଷୀଙ୍କୁ ସେମାନଙ୍କ ଶସ୍ୟର ଉଚିତ ମୂଲ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୨,୩୩୭.୬୦ କୋଟି ଟଙ୍କାର ଏମଏସପି ଓ ଇନପୁଟ ସହାୟତା ପ୍ରଦାନ କରାଯାଇଛି। ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲ୍ଲା ସବୁଠାରୁ ଆଗରେ ରହିଛି, ଯେଉଁଠାରେ ସର୍ବାଧିକ ୭,୭୦,୧୫୭ ମେଟ୍ରିକ ଟନ୍ ଧାନ ମଣ୍ଡିକୁ ଆସିଛି ଓ ୭,୬୯,୮୩୮ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏହା ପଛକୁ ରହିଛି କଳାହାଣ୍ଡି ଜିଲ୍ଲା, ସେଠାରେ ୬,୪୩୧୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୫,୫୮,୦୧୨ ମେଟ୍ରିକ ଟନ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୩,୭୯,୦୪୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ସରକାରୀ ସୂଚନା ମୁତାବକ, ଧାନ ବିକ୍ରି କରିଥିବା ସମସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି। ମାର୍ଚ୍ଚ ୨୪ ତାରିଖ ସୁଦ୍ଧା ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ଖରିଫ ଧାନ ସଂଗ୍ରହ ୨୦୨୩-୨୪ ମସିହାରେ ୫୮,୦୩,୬୬୪ ମେଟ୍ରିକ ଟନ୍ ହୋଇଥିବା ବେଳେ ୨୦୨୪-୨୫ ମସିହାରେ ୭୩,୦୨,୭୮୨ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ୨୦୨୫-୨୬ ମସିହାରେ ବୃଦ୍ଧି ପାଇ ୭୪,୯୨,୮୯୩ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ଧାନ ସଂଗ୍ରହ ପରିମାଣରେ ପ୍ରାୟ ୧୬ ଲକ୍ଷ ମେଟ୍ରିକ ଟନରୁ ଅଧିକ ବୃଦ୍ଧି ହୋଇଛି। ଏହା ରାଜ୍ୟର କୃଷି ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ।



କଟକ ଚାନ୍ଦିନୀଚୌକଠାରେ ମା' ବାସନ୍ତୀଦୁର୍ଗାଙ୍କ ମେଢ଼ ଓ ପୂଜାର୍ଚ୍ଚନା

# ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, (ପିପିଏସ୍) ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ବିସ୍ତୃତ ଆଲୋଚନା କରିଛନ୍ତି। ମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକର ଅଗ୍ନି ନିରାପତା ଭିତ୍ତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ ଏବଂ ସମୟସୀମା ମଧ୍ୟରେ ଶେଷ କରିବାକୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରାଯାଉଛି। ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଂଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାମାନଙ୍କରେ ଏସବୁକୁ ଗୁରୁତ୍ୱର ସହ ପାଳନ ନିମନ୍ତେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ସମୀକ୍ଷା ବେଳେ ମନ୍ତ୍ରୀ ମହୋଦୟ ରୋଗୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଅଗ୍ନି ସୁରକ୍ଷା ଯାଞ୍ଚ କରାଯିବ। ସମସ୍ତ ଅଗ୍ନି ନିରାପତା ଉପକରଣ ବ୍ୟବହାର ଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ ଓ ମକ୍ ଡ୍ରିଲ୍ ଆୟୋଜନ କରାଯିବ। ଏହାସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ., କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ମେଡିକାଲ କଲେଜର ଅଧ୍ୟକ୍ଷ, ସୁପରିଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ଥମୁନି ଗ୍ୟାସ୍ ଯନ୍ତ୍ରଣା, ଲୋକେ ଛଟପଟ

# ବୁକିଂ ପରେ ବି ମିଳୁନି ସିଲିଣ୍ଡର

ଭଦ୍ରକ, (ପିପିଏସ୍): କେବେ ଥମିବ ଗ୍ୟାସ୍ ଯନ୍ତ୍ରଣା। ସରକାର କହୁଛନ୍ତି ଗ୍ୟାସ୍ ପ୍ରଚୁର ପରିମାଣରେ ଅଛି, କିଛି ଅସୁବିଧା ହେବାର ନାହିଁ। ତାପରେ ବି ମିଳୁନି ଗ୍ୟାସ୍ । ଏବେବି ଗ୍ୟାସ୍ ଯନ୍ତ୍ରଣାରେ ଛଟପଟ ଲୋକେ। ଭଦ୍ରକ ସହରରୁ ଆସିଛି ଏମିତି କିଛି ଚିତ୍ର। ଯାହାକୁ ଦେଖିଲେ ଆପଣ ବି ବିଶ୍ୱାସ କରିପାରିବେନି କି ଗ୍ୟାସ୍ ପାଇଁ ବି ଏମିତି ଲାଇନ୍ ଲାଗୁଛି। ଗ୍ୟାସ୍ ଯନ୍ତ୍ରଣା। ବୁକିଂ ହେଉଛି, କନଫର୍ମ ଓଟିପି ମଧ୍ୟ ଆସୁଛି। କିନ୍ତୁ ମିଳୁନି ଗ୍ୟାସ ସିଲିଣ୍ଡର। ଗ୍ୟାସ୍ ସିଲିଣ୍ଡର ନପାଇ କାରଣ ଖୋଜିବାକୁ ଗ୍ୟାସ୍ ଅଫିସ ଆଗରେ ଲାଗୁଛି ଗ୍ରାହକଙ୍କ ଲମ୍ବା ଲାଇନ୍। ଭଦ୍ରକ ସହର ଥାନା ଛକ ନିକଟରେ ଥିବା ଜଗନ୍ନାଥ ଗ୍ୟାସ ଏଜେନ୍ସି ଆଗରେ ଦୁଇ ଦିନ ହେବ ଗ୍ରାହକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି । ଗ୍ୟାସ ବୁକିଂ ପରେ ମଧ୍ୟ ମାସ ମାସ ହେବ ଗ୍ୟାସ ନମିଳୁଥିବାରୁ ଅଭିଯୋଗ ଜଣାଇବାକୁ ଏହି ଲମ୍ବା ଲାଇନ ଲାଗିଛି। ବୁକିଂର ନୂଆ ନିୟମ ପରେ ମଧ୍ୟ ବୁକିଂ କଲେ ଏଜେନ୍ସି ଗ୍ୟାସ ଯୋଗାଇ ଦେଉନଥିବା ଅଭିଯୋଗ ଆଣିବା ସହିତ ଗ୍ରାହକମାନେ ଅସନ୍ତୋଷ ଜାହିର କରିଛନ୍ତି। ଅନ୍ୟପଟେ ସଠିକ ଭାବେ ଗ୍ୟାସ ଯୋଗାଣ ହେଉନଥିବା ଘଟଣାକୁ ଏଜେନ୍ସି କର୍ମଚାରୀ ସ୍ୱୀକାର କରିଛନ୍ତି। ଏହାସହ ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି।



## ଚନ୍ଦ୍ରଭାଗାରେ ସମରାଭ୍ୟାସ 'ସାଗରକବଚ'

# ଧରାପଡ଼ିଲେ ଦୁଇ ନକଲି ଆତଙ୍କବାଦୀ

କୋଣାର୍କ (ପି ପିଏସ): ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସମୁଦ୍ର ଉପକୂଳକୁ ଆତଙ୍କବାଦୀଙ୍କ କବଳରୁ କିଭଳି ସୁରକ୍ଷା ଓ ସୁରକ୍ଷିତ ହୋଇ ପାରିବ ସେନେଇ ଓଡିଶା ପୋଲିସକୁ ସଶକ୍ତ କରିବା ଲକ୍ଷରେ ପ୍ରତିବର୍ଷ ସମରଭ୍ୟାସ କରାଯାଉଛି। ଓଡିଶା ପୁଲିସ, କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ମିଳିତ ଭାବେ ଦୁଇ ଦିନିଆ ଉପକୂଳ ସୁରକ୍ଷା ସମରାଭ୍ୟାସ ସାଗର କବଚ-୨୬ ଚନ୍ଦ୍ରଭାଗା ଉପକୂଳରେରେ ଆରମ୍ଭ ହୋଇଛି । ଛଦ୍ମବେଶୀ ଆତଙ୍କବାଦୀଙ୍କୁ ରେଡ୍ ଫୋର୍ସ ନାମ ଦିଆଯାଇ ବିଭିନ୍ନ ଆଧୁନିକ ମାରଣାସ୍ତ୍ର ନେଇ ପାରାଦୀପରୁ ଜଳପଥରେ ଆସି ଲକ୍ଷ୍ୟ ପୂରଣ କରିବାକୁ ନିର୍ଦେଶ ଦିଆଯାଇଛି। ସେମାନଙ୍କୁ ଧରିବା ନିମନ୍ତେ ଓ ସ୍ଥଳପଥକୁ ସୁରକ୍ଷିତ ରଖିବା ନିମନ୍ତେ ନିୟୋଜିତ କରା ଯାଇଥିବା ପୁରୀ ଜିଲ୍ଲା ପୁଲିସକୁ 'ବ୍ଲୁଫୋର୍ସ' ନାମରେ ନାମିତ କରାଯାଇ ଏହି ସମରଭ୍ୟାସ କରାଯାଉଛି। ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁଙ୍କ ନେତୃତ୍ୱରେ ଆତଙ୍କବାଦୀ ଅନୁପ୍ରବେଶ କାରୀଙ୍କୁ ଧରିବା ପାଇଁ ପୁଲିସ ବ୍ଲୁ ଫୋର୍ସ ଚନ୍ଦ୍ରଭଗା ଉପକୂଳରେ ସଜାଗ ରହିଥିଲେ। ବୁଧବାର ପୂର୍ବାହ୍ନରେ ବେସ ବାଙ୍କ ନିକଟରେ ଥିବା ଲୋଟସ



ରିସୋର୍ଟରେ ମଧ୍ୟାହ୍ନ ସମୟରେ ଦୁଇ ନକଲି ଆତଙ୍କବାଦି ପସି ରିସୋର୍ଟରେ ଦୁଇ କର୍ମଚାରୀଙ୍କୁ ବନ୍ଧକ କରି କବ୍‌ଜାକୁ ନେବାକୁ ଉଦ୍ୟମ କରୁଥିବା ବେଳେ ପୂର୍ବରୁ ସଜାଗ ଥିବା ବ୍ଲୁ ଫୋର୍ସ ଦୁଇ ନକଲି ଆତଙ୍କବାଦୀଙ୍କୁ ଗିରଫ କରିଥିଲେ।ପରେ ଦୁଇ ନକଲି ଆତଙ୍କବାଦିଙ୍କୁ ଚନ୍ଦ୍ରଭାଗା ଥାନାକୁ ନିଆ ଯାଇଥିଲା। ସେଠାରେ ଯାଞ୍ଚରେ ୮ମ ବାଟାଲିୟନର ଦୁଇ ସିପାହୀ ବି ରଘୁନାଥ ପାତ୍ର ଓ କୃଷ୍ଣ ପ୍ରଧାନ ବୋଲି ଜଣାପଡିଥିଲା। ସେମାନେ ବସ ଯୋଗେ ଗଞ୍ଜାମ ଛତ୍ରପୁରରୁ ବାହାରି ପୁରୀରେ ପହଞ୍ଚି ଥିଲେ ପରେ ପୁରୀରୁ ବସରେ ବସି ରାମଚଣ୍ଡୀ ମୁହାଣ ନିକଟରେ ଥିବା ଲୋଟସ ରିସୋର୍ଟ ପାଖରେ ବସରୁ ଓଲାହି ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ। ସେମାନଙ୍କ ନିକଟରୁ ଦୁଇଟି ନକଲି ବୋମା ଓ ଏ କେ ୪୭ ଓ ଗୋଟିଏ ରିଭରବଲ ଜବତ୍ କରାଯାଇଥିଲା। ମେରାଇନ ଥାନା ଅଧିକାରୀ ସରସ୍ୱତୀ ସାହୁଙ୍କ ଯାଞ୍ଚ କରିବା ପରେ ଛଡ଼ା ଯାଇଥିବା ସୂଚନା ଦେଇଅଛନ୍ତି।

## ଶ୍ରୀରାମ ନବମୀ ମହୋତ୍ସବ

# ଅଯୋଧ୍ୟାରୁ ଆସିଲା ଆଜ୍ଞାମାଳ

ଭଦ୍ରକ, (ପିପିଏସ୍): ଶ୍ରୀରାମ ନବମୀ ମହୋତ୍ସବ ଲାଗି ଭଦ୍ରକ ଉତ୍ସବ ମୁଖର ହୋଇଛି। ବିଭିନ୍ନ ଛକ ବଜାର ରାସ୍ତା ସାଜସଜ୍ଜା ଚାଲିଛି। ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୀନା ବଜାର ଖୋଲିଛି। ସନ୍ଧ୍ୟାରେ ପୁରୁଣା ବଜାର ଅଂଚଳରେ ପୁଲିସ ପଇଁତରା ମାରିଛି । ବୁଧବାର କଚେରି ବଜାର ସମେତ ଗୋଶାଳା ଛକପୁରୁଣା ବଜାରରେ ପୁଲିସର ଫ୍ଲାଗମାର୍ଚ୍ଚସାଂସ୍କୃତିକ କାର୍ଯ୍ୟକ୍ରମ ଜମୁଛି। ମଙ୍ଗଳବାର ଅଯୋଧ୍ୟାରୁ ଆସିଥିବା ଆଜ୍ଞାମାଳ ଚରମ୍ପା ହନୁମାନ ମନ୍ଦିରରେ ପହଂଚି ଥିଲା।

ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା କରାଯାଇ ଭଦ୍ରକ ଗାନ୍ଧି ପଡ଼ିଆ ଅଣାଯାଇଥିଲା। ସେହିଭଳି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମା' ଭଦ୍ରକାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଆଜ୍ଞାମାଳ ଆଣିଥିଲେ। ଭଦ୍ରକର ପ୍ରସିଦ୍ଧ ଶ୍ରୀରାମ ନବମୀ ପାଇଁ ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରୁ ଆସିଲା ଆଜ୍ଞାମାଳ । ବାବାଙ୍କ ପାଖରେ



ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଆସିବା ପରେ ଘଂଟାକିର୍ତ୍ତନ ସହ ବିଜେପି ଦଳର ରାଜ୍ୟସଭା ସାଂସଦ ତଥା ସଭାପତି ମନମୋହନ ସାମଲ ଓ ଅନ୍ୟମାନେ ମନ୍ଦିର ବେଢ଼ା ପରିକ୍ରମା କରି ଏକ ସୁସଜ୍ଜିତ ରଥରେ ବିଜେ କରାଇଥିଲେ। ଏହି ରଥକୁ ଶ୍ରଦ୍ଧାଳୁ ଭକ୍ତ ନଗରୀ ପରିକ୍ରମା କରାଇ ଭଦ୍ରକ ଅଭିମୁଖେ ଯାତ୍ରା କରିଥିଲେ। ସେହିଭଳି ଆଜି ମାତୃଶକ୍ତି ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜିତ ହୋଇଛି । ଆଜି ପୁଲିସ ପ୍ରଶାସନ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଭଦ୍ରକ ଆଦି ଅଂଚଳରେ ଏହି କାର୍ଯ୍ୟକ୍ରମ ହେବାର ଅଛି। ଏବେ ୯ ପ୍ଲାଟୁନ ରାଜ୍ୟ ପୁଲିସ ସମେତ ୩ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ରହିଛନ୍ତି। ଆଗକୁ ଏହାର ସଂଖ୍ୟା ବଢିବ ବୋଲି ଜଣାପଡ଼ିଛି। ଆଜି ହୋଇଥିବା ଫ୍ଲାଗ ମାର୍ଚ୍ଚ ରେ ସିଟି ଡିଏସପି ଅନିଲ ପ୍ରଧାନ ସମେତ, ଡିଏସପି ସମ୍ବିତ ମାଝୀ ସମେତ ଅନ୍ୟ ଥାନାଧିକାରୀ ସାମିଲ ଥିଲେ।

## ଭଦ୍ରକ ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ ଓ ବିଦ୍ୟୁତ୍‌ଖୁଣ୍ଟ, ଭାଙ୍ଗିଲା ଘର

ଭଦ୍ରକ/ ଧାମନଗର, (ପିପିଏସ୍): ଆଜି ଅପରାହ୍ନରେ ଏହି ଜିଲାର ସହରାଂଚଳ ସମେତ ବିଭିନ୍ନ ବ୍ଲକ୍‌ରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ପବନ ସାଙ୍ଗକୁ ଭୟଙ୍କର ଧୂଳିଝଡ, କୁଆପଥର ମାଡ ଓ ବର୍ଷା ହେବାଫଳରେ ବଡ ବଡ ଗଛ ଉପୁଡି ପଡିବା ଫଳରେ କେତେକଙ୍କର ଘର ଭାଙ୍ଗି ଯାଇଛି। ଭଦ୍ରକ ପୌରପାଳିକା ଅଧୀନସ୍ତ ୧୨ ନମ୍ବର ୱାର୍ଡ ହଜାରି ନଗର ଠାରେ ୟୁସୁଫ ଖାନ ଓରଫ (ମୁନ୍ନା),ଙ୍କ ଘର ଉପରେ ଶହେ ବର୍ଷ ର ଏକ ବିଶାଳ ଗଛ ଘର ଉପରେ ପଡିଯିବାରୁ ମାଟିରେ ମିଶି ଯାଇଛି ! ସେପଟେ ପୌରପାଳିକା ତରଫରୁ ଗଛ କାଟି ରାସ୍ତା ସଫା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ପରିବାର ଲୋକଙ୍କୁ ନିରାପଦ ଜାଗାକୁ ପଠା ଯାଇଛି। ସେହିଭଳି ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକରେ ବୁଧବାର ପ୍ରବଳ କାଳବୈଶାଖୀ ଝଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଜୋର ପବନ ସହ ବର୍ଷା ଓ ପ୍ରବଳ କୁଆପଥର ପଡ଼ିବାରୁ କିଛି ସମୟ ପାଇଁ ସମଗ୍ର ଅଂଚଳର ଜନଜୀବନ ଠପ୍ ହୋଇଯାଇଥିଲା। କାଳବୈଶାଖୀ ହୋଇଥିଲେ ମଧ୍ୟ ଏହାର ବେଗ ଅତ୍ୟନ୍ତ ଭୟଙ୍କର ଥିବାରୁ କିଛି ସ୍ଥାନରେ ବିଦ୍ୟୁତ୍ ଖୁଂଟ ଭାଙ୍ଗି ପଡ଼ିଥିଲା ଓ କେତେକ ଚାଳ ଘରର ଉଡ଼ାଇନେଇଛି। ରାଧାବଲ୍ଲଭପୁର ଗ୍ରାମରେ ନଡ଼ିଆ ଗଛ ଭାଙ୍ଗି ବିଦ୍ୟୁତ୍ ପୋଲ୍ ଉପରେ ପଡିବା ଦ୍ୱାରା ପୋଲ ଭାଙ୍ଗି ତାର ଛିଡ଼ି ରାସ୍ତା ଉପରେ ପଡ଼ିରହିଛି। କରେଂଟ ଭୟରେ କେହି ହାତ ମାରୁନାହାନ୍ତି। ତେଣୁ ରାସ୍ତାରେ କେହି ଯାତାୟତ କରୁନାହାନ୍ତି। ସେହିପରି ଗ୍ରାମ ମଧ୍ୟରେ ପ୍ରାୟ ୫୦ ବର୍ଷର ପୁରୁଣା ଲିମ୍ବ ଗଛ ଉପୁଡ଼ି ପଡ଼ି ଭୟ ପରିସ୍ଥିତି ସୃଷ୍ଟି କରିଥିଲା, ଯଦିଓ କାହାରି ଜନଜୀବହାନି ହୋଇନଥିଲା। ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଥିବା ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାରୁ ଯାତାୟାତ କିଛି ସମୟ ପାଇଁ ବନ୍ଦ ରହିଥିଲା। ପ୍ରବଳ କୁଆପଥର ବର୍ଷାରେ ହେବାରୁ ପରିବା ଚାଷୀଙ୍କ ବହୁ କ୍ଷତି ଘଟିଥିବା ଚାଷୀମାନେ କହିଛନ୍ତି। ଝଡ଼ ପରେ ବ୍ଲକର ଅନେକ ଅଂଚଳରେ



ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ଲୋକମାନେ ଅନ୍ଧକାରରେ ରହିଛନ୍ତି। ଜିଲ୍ଲା ଧାମନଗର ବ୍ଲକ ସବୁଠାରୁ ଜୋରଦାର କାଳବୈଶାଖୀ ଝଡ଼ ଥିବାରୁ ବହୁ ସ୍ଥାନରେ କ୍ଷତି ଘଟିଛି। ତେବେ ସୁଭାଗ୍ୟବଶତଃ ଏହି ଝଡ଼ରେ କୌଣସି ଜୀବହାନି ଘଟିନଥିବା ସୂଚନା ମିଳିଛି। ଅନୁରୂପ ବନ୍ତ ବ୍ଲକ୍‌ର ବନ୍ତ, ପଧାନପଡା, ନିଳୋକ, ସେଣ୍ଡତିରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡଙ୍ଗା, ରାମପୁର, ରାମକୃଷ୍ଣପୁର, ଗଣିଜାଙ୍ଗ, ଛୟାଳସିଂ, ଟିଲୋ, ବସନ୍ତିଆ, ରାମଚନ୍ଦ୍ରପୁର ଓ ଆଡିଆ ଭଳି ପଂଚାୟତରେ ଏହି କାଳବୈଶାଖୀର ଉଗ୍ରରୂପ ଦେଖିବାକୁ ମିଳିଛି। ପବନର ବେଗ ଏଭଳି ତୀବ୍ର ଥିଲା ଯେ ବହୁ ସ୍ଥାନରେ ବଡ ବଡ ଗଛ ରାସ୍ତା ଉପରେ ଉପୁଡି ପଡିବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିଭଳି କୁଆପଥର ମାଡ ଯୋଗୁଁ ପନିପରିବା ଓ ଖରାଦିନିଆ ଫସଲ ବହୁ ମାତ୍ରାରେ ନଷ୍ଟ ହୋଇଯାଇଛି। ଅନେକ ଚାଳଛପର, ଟିଣ ଓ ଆଜବେଷ୍ଟସ୍ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ବିଦ୍ୟୁତ୍ ଖୁଂଟ ଓ ତାର ଛିଣ୍ଡି ପଡିବାରୁ ଭଦ୍ରକ ସହର ସମେତ ବହୁ ଅଂଚଳ ଏ ସମ୍ବାଦ ଲେଖାଯିବା ପର୍ଯ୍ୟନ୍ତ ଅନ୍ଧାରରେ ଥିବାର ଜଣାପଡିଛି। ତେଣୁ ଏହି ପ୍ରାକୃତିକ ବିପର୍ଯ୍ୟୟରେ ବହୁ ଚାଷୀ ଓ ଗରିବ ଶ୍ରେଣୀର ଲୋକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବାରୁ ସରକାର ଓ ଜିଲା ପ୍ରଶାସନ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ବିଶିଷ୍ଟ ସମାଜସେବୀ ଅଧିବକ୍ତା ଦିବ୍ୟସିଂହ ନାୟକ ଦାବି କରିଛନ୍ତି।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୬।୦୩।୨୦୨୬ ■ ଗୁରୁବାର

# ଦେଶକୁ ଆଶ୍ୱାସନା

ଯୁଦ୍ଧ ସମୟରେ ଉପୁଜିଥିବା ସ୍ଥିତି ମଧ୍ୟରେ ଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଶ୍ୱାସନା ଆବଶ୍ୟକ ଥିଲା । ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ପ୍ରତୀକ୍ଷା କରାଯାଉଥିଲା । ଏବେ ଦେଶରେ ତୈଳ-ଗ୍ୟାସ ଜନିତ ସଂକଟ ଆଉ ନିୟନ୍ତ୍ରଣ ବାହାରକୁ ଯିବ ନାହିଁ ବୋଲି ବିଶ୍ୱାସ କରାଯାଏ । ପ୍ରଧାନମନ୍ତ୍ରୀ ଯେଉଁ ତଥ୍ୟ ସଂସଦରେ ରଖିଛନ୍ତି, ତାହାକୁ ଦୃଷ୍ଟିରେ ରଖି ଆମକୁ ଦେଖିବାକୁ ଓ ବୁଝିବାକୁ ହେବ । ଯୁଦ୍ଧ ବାସ୍ତବରେ ଅତ୍ୟନ୍ତ ବିପଜ୍ଜନକ ଓ ତାହାର ପ୍ରଭାବ ସମସ୍ତଙ୍କ ଉପରେ ପଡୁଛି । ଭାରତରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଉଛି । ତେବେ ଭଲକଥା ହେଉଛି ଏଠି ସରକାର ସ୍ଥିତିକୁ ସମ୍ଭାଳିବାପାଇଁ ସଜାଗ ରହିଛନ୍ତି । ପ୍ରଧାନମନ୍ତ୍ରୀ ପରିସଂଖ୍ୟାନ ସହ ଜଣାଇଛନ୍ତି ଯେ ତୈଳ, ଗ୍ୟାସ୍ ଓ କୋଇଲାର ସ୍ଥିତି ଆମ ଦେଶରେ ଏବେ କ'ଣ ଓ ଦେଶରେ କେତେ ଭଣ୍ଡାର ଗଚ୍ଛିତ ହୋଇରହିଛି, ପୂର୍ବରୁ ଭାରତ ବିଶ୍ୱର ୨୭ଟି ଦେଶରୁ ଅଶୋଧିତ ତୈଳ, ଏଲ୍‌ପିଜି ଓ ସିଏନଜି କ୍ରୟ କରୁଥିଲା, ଏବେ ତାହା ୪୧ଟି ଦେଶରୁ କ୍ରୟ କରୁଛି । ଭାରତର ଇନ୍ଧନ ଆବଶ୍ୟକତା ବହୁତ ଅଧିକ ଓ ତାହା ମାତ୍ର କେତୋଟି ଦେଶ ଉପରେ ନିର୍ଭର କରି ରହିପାରିବ ନାହିଁ । ସମଗ୍ର ଭାରତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଆମଦାନୀ ସୁଚାରୁଭାବେ ସୁନିଶ୍ଚିତ କରିବା ଲାଗି ସବୁପ୍ରକାରର ପ୍ରୟାସ ଜାରି ରହିବା ଦରକାର ।

ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନରେ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତୀୟମାନଙ୍କ ସୁରକ୍ଷା । ଯୁଦ୍ଧରୁ ଦେଶକୁ ରକ୍ଷା କରିବାର ରଣନୀତି ପୁରୁଣା ଓ ତାହାର ପ୍ରୟୋଗ କରାହୋଇଛି । ତା'ସହିତ, ପ୍ରତ୍ୟେକ ଦେଶ ସହିତ ଉତ୍ତମ ସଂପର୍କ ରଖିବା ଲାଗି ଉଦ୍ୟମ ଜାରି ରଖିବା ମଧ୍ୟ ଦରକାର । ଆଜିର ଦୁନିଆରେ ଏପରି କୌଣସି ଦେଶ ସମ୍ଭବତଃ ନାହିଁ, ଯେଉଁଠାରେ ଭାରତୀୟ ବା ଭାରତୀୟ ବଂଶୋଦ୍ଭବ ନାହାନ୍ତି । ତେଣୁ ପ୍ରଧାନମନ୍ତ୍ରୀଙ୍କ ଆଶ୍ୱାସନା ଅନେକ ମାନେ ରଖୁଛି । ସେ କହିଛନ୍ତି, ସଂଘର୍ଷ ସମୟରେ ଭାରତୀୟ ନାଗରିକଙ୍କ ସୁରକ୍ଷା ହେଉଛି ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ପ୍ରଭାବିତ ଦେଶ ବା ଅଞ୍ଚଳରେ ଭାରତୀୟ ଦୂତାବାସ ନାଗରିକଙ୍କୁ ସବୁପ୍ରକାରର ସହାୟତା ଦେବାରେ ଲାଗିଛନ୍ତି । ତିନିଲକ୍ଷରୁ ଅଧିକ ଭାରତୀୟ ଏ ଯୁଦ୍ଧ ଆରମ୍ଭ ହେବା ପରେ ସ୍ୱଦେଶକୁ ଫେରିଆସିଛନ୍ତି । ଅବଶ୍ୟ, ଏ ସଂଖ୍ୟା ବହୁତ ଛୋଟ । ଉପସାଗରୀୟ ଦେଶରେ ୯୦ଲକ୍ଷରୁ ଅଧିକ ଭାରତୀୟ ରହୁଛନ୍ତି । ଅର୍ଥାତ୍, ୮୭ ଲକ୍ଷ ଭାରତୀୟ ଏବେବି ସେଠି ଅଛନ୍ତି । ସେମାନଙ୍କ ସୁରକ୍ଷା ପ୍ରତି ସରକାରଙ୍କୁ ଲଗାତାର ସଜାଗ ରହିବାକୁ ପଡ଼ିବ । ଯେଉଁଠି ବହୁତ ଜରୁରୀ ସେଠାରୁ ଭାରତୀୟଙ୍କୁ ଫେରାଇ ଆଣିବା ଦରକାର ।

ଯୁଦ୍ଧ ସମୟରେ ଭାରତୀୟଙ୍କ ଦୃଢ଼ତା, ନିଜ କର୍ମ ଓ କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟକୁ ଅଣଦେଖା କରିବା ଉଚିତ ନୁହେଁ । ବିଦ୍ୟୁତଶକ୍ତିର ଉପଲବ୍ଧତାକୁ ନେଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆଶ୍ୱସ୍ତ କରି କହିଛନ୍ତି କୋଇଲା ଆବଶ୍ୟକ ପରିମାଣରେ ଗଚ୍ଛିତ ଅଛି । କୃଷକମାନଙ୍କୁ ମଧ୍ୟ ଆଶ୍ୱାସନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ସାର ଆଦି କ୍ଷେତ୍ରରେ କୌଣସି ଅଭାବ ରହିବ ନାହିଁ । ସିଏ ଉଦ୍ୟୋଗ ଜଗତ ଉପରେ ଦୃଷ୍ଟି ରଖିବା ଲାଗି କହିଛନ୍ତି । ତେବେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି, କଳାବଜାରୀ କରୁଥିବା ଲୋକଙ୍କୁ ଦିଆଯାଇଥିବା ଚେତାବନୀ । ରାଜ୍ୟ ସରକାରମାନଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଏପ୍ରକାର ମାମଲା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଯେପରି ଗ୍ରହଣ କରାଯିବ ତାହା ସୁନିଶ୍ଚିତ କରାଯାଉ । ଯଦି ବାସ୍ତବରେ ରାଜ୍ୟସରକାର ଜଗିଯିବେ, ତେବେ ରୋଷେଇ ଗ୍ୟାସ୍ ସିଲିଣ୍ଡରର କଳାବଜାରୀ କି ଜମାଖୋରୀ ହୋଇପାରିବ ନାହିଁ । ଏଲପିଜି ଉତ୍ପାଦନ ସରକାର ବଢ଼ାଇଥିବା ବେଳେ ତାହା ମାର୍କେଟରେ ଉପଲବ୍ଧ ହେବା ଦରକାର । ୧୦ବର୍ଷ ତଳେ ମାତ୍ର ଏକପ୍ରତିଶତ ଇଥେନଲ ମିଶ୍ରଣ କ୍ଷମତା ଥିଲା, ଏବେ ପେଟ୍ରୋଲରେ ୨୦ ପ୍ରତିଶତ ଇଥେନଲ ମିଶ୍ରଣ ହେଲାଣି । ଠିକ୍ ସେଇପରି ଇଲେକ୍‌ଟ୍ରି ଗାଡ଼ି ପ୍ରତି ଅଧିକ ପ୍ରୋତ୍ସାହନ ଦିଆଯାଉଛି । ଏସବୁ ତୈଳର ବିକଳ୍ପ ସଂପର୍କରେ ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ତାହା ଲୋକଙ୍କୁ ଆଶ୍ୱାସନା ଦେଇଛି । ❒❒

## ସବୁକିଛି ପରିବର୍ତ୍ତନଶୀଳ

ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭବ ସମୁଦ୍ର ମାନେ ହେବାର ସମୁଦ୍ର, ଚାଲିବାର ସମୁଦ୍ର । ଏହି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଗଲେ ଡଙ୍ଗାର ଖୁଣ୍ଟି ସହିତ ନିଜକୁ ଅଚ୍ୟୁତ ଅନୁରାଗ ରଜ୍ଜୁରେ ବାନ୍ଧି ନେଇ ଚାଲିବାକୁ ହୁଏ । ନ ହେଲେ ସ୍ରୋତ କେଉଁଠିକୁ ଭସାଇ ନେଇଯିବ ତାର ପତ୍ତା ନାହିଁ, ଡଙ୍ଗାର ଖୁଣ୍ଟ ହେଲେ ଶ୍ରୀଗୁରୁ ବା ଇଷ୍ଟ ପୁରୁଷୋତ୍ତମ । ସିଏ ପ୍ରବୃତ୍ତିକୁ ଚାଳନା କରନ୍ତି, କିନ୍ତୁ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଅନ୍ତି ନାହିଁ । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା, ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ । ଏହି ବିଶ୍ୱ ବ୍ରହ୍ମାଣ୍ଡର ସବୁକିଛି ବ୍ୟୋମ ମଧ୍ୟରେ ଅବସ୍ଥାନ କରୁଛି । ଏହି ଶୂନ୍ୟକୁ କୁହାଯାଏ ବ୍ୟୋମ ବିଶ୍ୱନାଥ, ବ୍ୟୋମ ହେଲା ଶବ୍ଦର ବିନ୍ୟାସ, ଯାହା ବ୍ୟାପ୍ତ ହୋଇଛି ସବୁକିଛି ମଧ୍ୟରେ । ଯାହା କିଛି ସୃଷ୍ଟି ହୋଇଛି ତାହା ବ୍ରହ୍ମ ଓ ସୃଷ୍ଟି କରିଛନ୍ତି ଯେ ସେ ହିଁ ବ୍ରହ୍ମା । ମହାଭାରତରେ ବ୍ରହ୍ମମାନେ ବୃଦ୍ଧି ବୋଲି ବର୍ଣ୍ଣନା କରାଯାଇଛି । ମୂଳରେ ସେହି ଏକ, ଆଉ ଯାହା କିଛି ସବୁ ଏକର ହିଁ ନାନା ପ୍ରକାର ଅଭିବ୍ୟକ୍ତି । ଏହା ଶାଶ୍ୱତ ଓ ଚିରନ୍ତନ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜଗତକୁ ମିଥ୍ୟା କହିଛନ୍ତି, କିନ୍ତୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଜଗତ ମିଥ୍ୟା ନୁହେଁ, ନଶ୍ୱର ଅର୍ଥ ଚିରସ୍ଥାୟୀ ନୁହେଁ । ସବୁକିଛି ପରିବର୍ତ୍ତନଶୀଳ । କୌଣସି ବସ୍ତୁ ନଷ୍ଟ ହୁଏ ନାହିଁ ବା ତାର ମୌଳିକ ଉପାଦାନ ମଧ୍ୟ ନଷ୍ଟ ହୁଏନାହିଁ । ତାହା ପରିବର୍ତ୍ତନ ହୁଏ ମାତ୍ର ନଶ୍ୱର ଅର୍ଥ ପରିବର୍ତ୍ତନଶୀଳ । ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ ଜଗତ ନଶ୍ୱର, ମିଥ୍ୟା ନୁହେଁ । ଶ୍ରୀ ଶ୍ରୀ ଠାକୁର କହିଲେ କୃପା ମଧ୍ୟରେ ଅଛି କୃ ଓ ପା - ଅର୍ଥ କରିବା ଓ ପାଇବା । ମନୁଷ୍ୟର ଆତ୍ମୋପଲବ୍ଧି ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମା ଶବ୍ଦରେ ଅଛି ଅତ୍ ଧାତୁ । ଅତ୍ ଧାତୁମାନେ ନିରନ୍ତର ଚଳନା । ସେହି ଯୋଗ ସୂତ୍ରକୁ ଯିଏ ଯେତେ ପରିମାଣରେ ଉପଲବ୍ଧି କରିପାରେ ସେ ସେତେ ଯୋଗଯୁକ୍ତ ଓ ଏହା ହେଲା ଧୃତିଶକ୍ତିସଞ୍ଜାତର ମୂଳ ତଥ୍ୟ । ସବୁ ସମୟ ମନେହୁଏ ଯେ ଯେତେ ପରିମାଣରେ ଆନନ୍ଦ, ଜ୍ଞାନ ଓ ବୋଧ ହେବା ଦରକାର, ତାହା ହେଉନାହିଁ । ଏକ ଆକୁଳି ବିକୁଳିର ଭାବ ସବୁ ସମୟ ଲାଗି ରହେ । ଏହି ଆକୁଳି-ବିକୁଳିର ବୋଧ ଯଦି ଚାଲିଯାଏ ତାହାହେଲେ ତୁମେ ମଧ୍ୟ ଗତିଶୂନ୍ୟ ହୋଇଯିବ । ଏହା ରହିବା ଭଲ, ଆହୁରି, ଆହୁରି ଓ ଅସୀମ ଆଡ଼କୁ ବୃଦ୍ଧି ପାଇଁ ବ୍ୟାକୁଳତା ମନୁଷ୍ୟକୁ ଅସୀମର ସନ୍ଧାନରେ ନେଇଯାଏ । ମନୁଷ୍ୟ ଯେତେ ଅନନ୍ତ ହେବାକୁ ଚାହେଁ ସେତେ ପରିମାଣରେ ବୃଦ୍ଧି ପାଏ । ଏହି ବୃଦ୍ଧି ସହିତ ମନୁଷ୍ୟ ଚାହେଁ ବୋଧ, ଜ୍ଞାନ ଓ ଇଚ୍ଛା । କୌଣସି କିଛିରେ ଅଭିନିବିଷ୍ଟ ହୋଇ ତାକୁ ବୋଧ କରିବା ଓ ବୋଧ ଭିତରେ ଆସୁ ଆସୁ ଯେତେବେଳେ ସେହି ବିଷୟ ସହିତ ଏକାୟିତ ଭାବ ହୁଏ ସେତେବେଳେ ସମାଧି ଭାବ ଆସେ । କିନ୍ତୁ ସମାଧି ପ୍ରାପ୍ତ କରିବାର ଉଦ୍ଦେଶ୍ୟ ନେଇ ଚାଲିବା ଭଲ ନୁହେଁ । ମନୁଷ୍ୟ ମଧ୍ୟରେ ଏକ ସ୍ୱାଭାବିକ ଚାହିଦା ହେଲା ସବୁ ସମୟରେ ଆନନ୍ଦରେ ବୁଡ଼ି ରହିବା ।

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
କଟକ

# ମଧୁମୟ ବିଶ୍ୱ ଏବେ ବିଷମୟ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ମଧୁମୟ ବିଶ୍ୱ ଏବେ ବିଷମୟ । ପୃଥିବୀର ବିଭିନ୍ନ ଭାଗରେ ବର୍ତ୍ତମାନ ୫୦ ରୁ ଅଧିକ ସକ୍ରିୟ ଯୁଦ୍ଧ, ଗୃହଯୁଦ୍ଧ ଚାଲିଛି । ସେମାନଙ୍କ ମଧ୍ୟରେ ଇରାନ-ଆମେରିକା, ରୁଷିଆ-ୟୁକ୍ରେନ, ଇସ୍ରାଏଲ-ପାଲେସ୍ତିନ, କାମ୍ବୋଡିଆ-ଥାଇଲ୍ୟାଣ୍ଡ, ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ ପ୍ରମୁଖ । ଇରାନ ଯୁଦ୍ଧରେ ସମ୍ପୂର୍ଣ୍ଣ ମଧ୍ୟ-ପ୍ରାଚ୍ୟ ଅସ୍ଥିର । ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଦ୍ୱାରା ଅପହୃତ ଓ ବନ୍ଦୀ । ଗ୍ରୀନଲ୍ୟାଣ୍ଡ ଉପରେ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନଜର । ଜେନ-Z ଯୁବଗୋଷ୍ଠୀଙ୍କ ବିକ୍ଷୋଭରେ ନେପାଳ ଓ ବାଂଲାଦେଶ ସରକାର ଗାଦିଚ୍ୟୁତ । ଭାରତ-ପାକିସ୍ତାନ ମଧ୍ୟରେ ସୀମାପାର ଆତଙ୍କବାଦ ବିବାଦ । ମ୍ୟାନମାର, ସୁଦାନରେ ଗୃହ ଯୁଦ୍ଧ । ସହେଲ, କଂଗୋ, ହାଇତି, ଇରାକ, ସିରିଆ, ୟେମେନ, ସୋମାଲିଆ, ଲେବାନନ, ଇଥିଓପିଆ ଇତ୍ୟାଦି ଦେଶରେ ହିଂସା, ଅସ୍ଥିରତା, ବିଦ୍ରୋହ, ଅଶାନ୍ତି, ଗଣ୍ଡଗୋଳ, ବିବାଦ ସଂଘର୍ଷ, ମାନବିକ ସଙ୍କଟ ଲାଗିରହିଛି । ଧନଜୀବନ ନଷ୍ଟ ହେଉଛି । ଲୋକେ ଅକାରଣରେ ପୋକମାଛି ପରି ମରୁଛନ୍ତି । ଇରାନ ପରେ ଟ୍ରମ୍ପଙ୍କ ଆଖି କ୍ୟୁବା ଉପରେ । ଯେତେବେଳେ ଚାହିଁବେ ସେ କ୍ୟୁବାକୁ ନିଜ ଅକ୍ତିଆରକୁ ନେଇପାରିବେ ବୋଲି ଦାବି କରୁଛନ୍ତି । ଆମେରିକୀୟ ଆତଙ୍କବାଦ ବିରୋଧୀ କେନ୍ଦ୍ର ନିର୍ଦ୍ଦେଶକ ଜୋ କେଣ୍ଟ ଇସ୍ରାଏଲ ଆମେରିକାର ଇରାନ ବିରୋଧୀ ଯୁଦ୍ଧକୁ ବିରୋଧ କରି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଦାବି ଅନୁସାରେ ୧୧୫୦୦ କିଲୋମିଟରରୁ ଅଧିକ ଦୂରରେ ଥିବା ଇରାନ ପଟୁ ଆମେରିକାକୁ କୌଣସି ବିପଦ ନାହିଁ । ରାଷ୍ଟ୍ରପତି ଟ୍ରମ୍ପ ନିଜ ଦେଶର ହିତ ପାଇଁ ଏହି ଯୁଦ୍ଧ ଲଢୁନାହାନ୍ତି । କିନ୍ତୁ ଟ୍ରମ୍ପ ତାଙ୍କ କଥାକୁ ବିଶ୍ୱାସ ନକରି ଯେବେବି ଇରାନ ଆକ୍ରମଣ କରିବ, ଆମେରିକା ତାର ପ୍ରଥମ ଲକ୍ଷ୍ୟ ହେବ ବୋଲି ବିବୃତି ରଖୁଛନ୍ତି ।

ଅନେକ ଦିନର ପ୍ରସ୍ତୁତି ପରେ ଆମେରିକା ଇସ୍ରାଏଲ ଇରାନ ଉପରେ ୨୮ ଫେବୃଆରୀ ୨୦୨୬ ରେ ଆକ୍ରମଣ କଲା । ପ୍ରଥମ ଦିନ ଇରାନର ସୁପ୍ରିମ ଲିଡର ପରିବାର ସମେତ ମୃତ୍ୟୁବରଣ କଲେ । ସୌଭାଗକ୍ରମେ ତାଙ୍କର ଦ୍ୱିତୀୟ ପୁତ୍ର ମୋଜତବା ଖେମନେି, ଯିଏ ବର୍ତ୍ତମାନ ଇରାନର ସର୍ବୋଚ୍ଚ ନେତା, ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତିଗଲେ । କେବଳ ଆୟୋତୋଲ୍ଲା ଖେମନେି ନୁହନ୍ତି ଇରାନ ସତ୍ତାରେ ଅପୂର୍ବ ଯୋଗଦାନ ଥିବା ବିଶିଷ୍ଟ ତଥା ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ଯୁଦ୍ଧରେ ନିଧନ ଘଟିଛି । ତନ୍ମଧ୍ୟରୁ ଚିଫ୍ ଅଫ୍ ଷ୍ଟାଫ୍, କେଏସି ଇଣ୍ଟେଲିଜେନ୍ସ ପ୍ରମୁଖ, ଲଜିଷ୍ଟିକ ସପୋର୍ଟ ଡେପ୍ୟୁଟି, ଚିଫ୍, ପାରାମିଲିଟାରୀ ଫୋର୍ସ, ହେଡ୍, ନ୍ୟାସନାଲ ଡିଫେନ୍ସ କାଉନସିଲ, ରକ୍ଷା ମନ୍ତ୍ରୀ, ପୂର୍ବ ଓ ବର୍ତ୍ତମାନର ଏସପିଏନଡ଼ି ଚେୟାରମେନ, କମାଣ୍ଡର ଇନ୍ ଚିଫ୍, ଆଇଜିଆରସି, କମାଣ୍ଡର ପୁଲିସ ଇଣ୍ଟିଜେନ୍ସ ଓ ହେଡ଼, ଅପରେସନ ଓ ପ୍ଲାନିଙ୍ଗ, ମିଲିଟାରୀ ବ୍ୟୁରୋ ହେଡ୍ ପ୍ରମୁଖ । ଇରାନ ସରକାରଙ୍କ ତରଫରୁ ଅଧିକାରିକ ପୁଷ୍ଟି ହୋଇନଥିଲେ ହେଁ ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ମୁଖ୍ୟ, ଅଲି ଲାରିଜାନି ଓ ବେସିଜ ଫୋର୍ସ କମାଣ୍ଡର ଗୁଲାମ ରେଜା ସୁଲେମାନୀ ମଧ୍ୟ ନିହତ ହୋଇଛନ୍ତି । ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଇରାନ ଜନତାଙ୍କୁ ଯୁଦ୍ଧ ପୂର୍ବ ଭଳି ରାସ୍ତାରେ ଓହ୍ଲାଇ ସରକାର ବିରୋଧୀ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ । କିନ୍ତୁ ଫେବୃଆରୀ ୨୦, ୨୦୨୬ ରୁ ବେସିଜ ଫୋର୍ସ ଇରାନ ଜନତାଙ୍କ ଉପରେ କଡ଼ା ନଜର ରଖିଥିଲା । ତେଣୁ ତାଙ୍କୁ ସଫଳତା ମିଳିନଥିଲା । ତେହେରାନର ଏକ ଶୋଭାଯାତ୍ରାରେ ଅଲି ଲାରିଜାନି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କୁ ଜୀବନରୁ ମାରିଦେବାର ଖୋଲା ଧମକ ଦେଇଥିଲେ । ବୋଧହୁଏ ତାର ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିଲା । ଲାରିଜାନି ଓ ସୁଲେମାନୀଙ୍କ ହତ୍ୟା ପରେ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖେମନେି, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ବିଦେଶ ମନ୍ତ୍ରୀ, ସଂସଦର ସ୍ପିକର, ଚିଫ୍ ଜଷ୍ଟିସ୍, ଏସେମ୍ବ୍ଲି ଏକ୍ସପର୍ଟ ପ୍ରମୁଖ, ରହଲ୍ଲା ଖମେନେିଙ୍କ ନାତି ଇସ୍ରାଏଲର ଟାର୍ଗେଟରେ ଅଛନ୍ତି । ସମସ୍ତେ ତେଣୁ ଅଣ୍ଡରଗ୍ରାଉଣ୍ଡ । କିନ୍ତୁ ଏତେ ଶୀର୍ଷ ନେତାଙ୍କ ମୃତ୍ୟୁ ସତ୍ତ୍ୱେ ଇରାନର ଇରାଦାରେ କିଛି ପରିବର୍ତ୍ତନ ନାହିଁ । ବରଂ ପୂର୍ବାପେକ୍ଷା ଆହୁରି ଅଧିକ ଭୟଙ୍କର ଯୁଦ୍ଧ ଲଢୁଛି । ଆମେରିକା ଅନୁଗତ ମଧ୍ୟ ପ୍ରାଚ୍ୟ ମୁସଲିମ ଦେଶ ଉପରେ ଆକ୍ରମଣ ଜାରି ରଖିଛି । ଯୁଦ୍ଧରେ ଇରାନ ଏପର୍ଯ୍ୟନ୍ତ ୮୬୭ ମିସାଇଲ ଓ ୨୬୫୮ ଡ୍ରୋନ ବ୍ୟବହାର କରିଛି । ସୁନ୍ନୀ ବହୁଳ ସାଉଦି ଆରବ ସିଆ ବହୁଳ ଇରାନର ପାରମ୍ପରିକ ଶତ୍ରୁ ରାଷ୍ଟ୍ର । ଅଲ ସଉଦ ରାଜବଂଶର ଶାସନ ଚାଲିଥିବା ୯୪ ବର୍ଷ ପୂର୍ବେ ଗଠିତ ସାଉଦି ଆରବ ପ୍ରଗତିଶୀଳ ଇସ୍ଲାମ ଓ ଇରାନ କଠୋରପନ୍ଥୀ ଇସ୍ଲାମିକ ଶାସନ ଉପରେ ବିଶ୍ୱାସ ରଖନ୍ତି । ଉଭୟ ରାଷ୍ଟ୍ର ମଧ୍ୟ-ପ୍ରାଚ୍ୟରେ ସୁପର ଷ୍ଟାର ହେବାପାଇଁ ସତତ ପ୍ରାୟସରତ । ଇସ୍ରାଏଲ ଓ ସାଉଦି ଆରବର ଚାପ ଓ ପ୍ରରୋଚନାରେ ଆମେରିକା ଇରାନ ଉପରେ ଆକ୍ରମଣ କରୁଛି କୁହାଯାଏ । ଏସବୁ ସତ୍ତ୍ୱେ ଇରାନ ନିଜର ଶତ୍ରୁ ରାଷ୍ଟ୍ର ସାଉଦି ଆରବ ଉପରେ କମ୍ ଓ ୟୁଏଇ ଉପରେ ଅଧିକ ମିସାଇଲ ଓ ଡ୍ରୋନ ବର୍ଷଣ କରୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ ସାଉଦି ଆରବ ଉପରେ ଚାରି ଗୋଟି ମିସାଇଲ ଓ ୨୫୦ ଡ୍ରୋନ ପକାଇଥିବାବେଳେ ୟୁଏଇ ଉପରେ ୩୧୯ ମିସାଇଲ ଓ ୧୬୨୭ ଡ୍ରୋନ ଯୋଗେ ଆକ୍ରମଣ କରିଛି ଯଦିଓ ୟୁଏଇ ଏକ ଛୋଟ ଦେଶ ଓ ଉଭୟ ଦେଶ ମଧ୍ୟରେ ଭଲ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ରହିଛି । ଓମାନ, କୁଏତ, କତର, ଜର୍ଡ଼ାନ ଓ ବାହାରିନ ଉପରେ ଯଥାକ୍ରମେ ୪ ଓ ୨୦, ୨୩୪ ଓ ୪୨୨, ୧୩୬ ଓ ୫୯, ୨୦ ଓ ୬୫ ଏବଂ ୨୨୯ ଓ ୨୧୫ ଲେଖାଏଁ ମିସାଇଲ ଓ ଡ୍ରୋନ ନିକ୍ଷେପ କରିଛି । ୟୁଏଇର ଦୁବାଇ ଓ ଆବୁଧାବି ଉପରେ ଅଧିକ ଆକ୍ରମଣ ହୋଇଛି । କାରଣ ଏହା ବିଶ୍ୱର ୧୮ତମ ଧନୀ ରାଷ୍ଟ୍ର । ବିଗତ ଦଶବର୍ଷରେ ଦୁବାଇରେ କୋଟିପତି ସଂଖ୍ୟା ୧୦୨ ଗୁଣ ବୃଦ୍ଧି ପାଇଛି । ଦୁନିଆଁର କେବଳ ୬୯ ଦେଶର ଜିଡିପି ଦୁବାଇର ଜିଡିପି ଅପେକ୍ଷା ଅଧିକ । ଭୌଗୋଳିକ ଦୃଷ୍ଟିକୋଣରୁ ୟୁଏଇ ଅନ୍ୟ ଦେଶମାନଙ୍କ ଅପେକ୍ଷା ନିକଟରେ ଅବସ୍ଥିତ । ଇରାନରୁ ୟୁଏଇର ଦୂରତା ମାତ୍ର ୧୦୦ କିଲୋମିଟର । ଦୁନିଆଁର କୋଣ ଅନୁକୋଣର ଧନୀ ଲୋକ ଦୁବାଇ ସହରରେ ବସବାସ କରନ୍ତି କାରଣ ଏହା ଏକ ନିରାପଦ ଓ କରମୁକ୍ତ କ୍ଷେତ୍ର ରୂପେ ପରିଚିତ । ତେଣୁ ୟୁଏଇ ଉପରେ ଆକ୍ରମଣ କଲେ ଏହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିବ ।

ଇସ୍ରାଏଲ ଇରାନର ପ୍ରାକୃତିକ ଗ୍ୟାସ ସଂସାଧନ ଉପରେ ବୋମା ମାଡ଼ କରିଥିବାରୁ ସେ ଏବେ ରକ୍ତମୁଖା । ସିଜିଲ ୨ ଓ କ୍ଲଷ୍ଟର ବମ ବ୍ୟବହାର କରୁଛି ଇରାନ । ସିଜିଲ ୨ ର ମାରକ କ୍ଷମତା ୨୫୦୦ କିଲୋମିଟର । ଶବ୍ଦର ବେଗ ଠାରୁ ଏହି ମରଣାସ୍ତ୍ରର ବେଗ ୧୩/୧୪ ଗୁଣ ଅଧିକ । ଗ୍ରୀସ ତୁର୍କୀ, ୟୁକ୍ରେନ, ରୋମାନିଆ, ଅଜରବୈଜାନ, ବୁଲଗେରିଆ, ସାଉଦି ଆରବ, ଇସ୍ରାଏଲ, ଆଫଗାନିସ୍ତାନ, ପାକିସ୍ତାନ, କୁଏତ, ସିରିଆ, ଇଜିପ୍ଟ, ନାମିବିଆ, କଜାଗସ୍ତାନ, ତୁର୍କମେନିସ୍ତାନ, ୟୁଏଇ, ବାହାରିନ, କତର ଓ ଓମାନ ଆଦି ଦେଶ ଏହାରି ରେଞ୍ଜ ଭିତରେ । ଏହା ଇସ୍ରାଏଲକୁ ୭ ରୁ ୧୦ ମିନିଟ, କୁଏତକୁ ୬ ରୁ ୧୦ ମିନିଟ, ସାଉଦି ଆରବକୁ ୮ ରୁ ୧୨ ମିନିଟ, ୟୁଏଇକୁ ୬ ରୁ ୧୦ ମିନିଟ ଓ ଓମାନକୁ ୭ ରୁ ୧୦ ମିନିଟ ଭିତରେ ଅତି ଆରାମରେ ଟାର୍ଗେଟ କରିପାରିବ । କ୍ଲଷ୍ଟର ମିସାଇଲ ଦ୍ୱାରା ହମଲା କରି ଇରାନ ଇସ୍ରାଏଲ ରେଲୱେ ଷ୍ଟେସନକୁ ଅଭୂତପୂର୍ବ କ୍ଷତି ପହଞ୍ଚାଇଛି । ଅଖପାଖରେ ମସାଦ ଏଜେଣ୍ଟମାନଙ୍କର ଉପସ୍ଥିତି ଯୋଗୁଁ ଅନେକ ଶୀର୍ଷ ନେତା ଓ ଆଇଆରଜିସି କମାଣ୍ଡର ଭୂମିଗତ ହୋଇଥିଲେ ହେଁ ଅଲି ଲାରି ଜାନିଙ୍କ ଶବ ଯାତ୍ରାରେ ୧୦ ଲକ୍ଷ ଲୋକ ସାମିଲ ହୋଇଛନ୍ତି । ଇରାନର ସର୍ବମୋଟ ଲୋକସଂଖ୍ୟା ପ୍ରାୟ ୯ କୋଟି । ତେହେରାନରେ ପ୍ରାୟ ଏକ କୋଟି ଲୋକ ରୁହନ୍ତି । ତା'ଦେହରୁ ୧୦ ଲକ୍ଷ ଲୋକ ଶୋଭାଯାତ୍ରାରେ ବାହାରିବା କିଛି କମ୍ କଥା ନୁହଁ । ସେପଟେ ଶିଆ ମୁସଲିମ ସଂଗଠନ ହିଜବୁଲ୍ଲା ଇସ୍ରାଏଲ ବିରୁଦ୍ଧରେ ଇରାନ ପଟୁ ପ୍ରକ୍ସି ୱାର ଜାରି ରଖିଛି । ଏହି ସଂଗଠନ ଇରାନକୁ ୧୯୮୨ ମସିହାରୁ ସମର୍ଥନ ଦେଇଆସୁଛି । ଗତ ଦୁଇ ତାରିଖରେ ହିଜବୁଲ୍ଲା ଇସ୍ରାଏଲ ଉପରେ ଛଦ୍ମ ଆକ୍ରମଣ କରିଥିଲା । ଇରାନ ଏହି ସଂଗଠନକୁ ବାର୍ଷିକ ୯୨୦୦୦ କୋଟି ଟଙ୍କା ସହାୟତା କରିଥାଏ ଓ ଆଇଆରଜିସି ଏମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରିଥାଏ ।

ବର୍ତ୍ତମାନ ସୁଦ୍ଧା ଇରାନର ୫୬ ଜଣ ଶୀର୍ଷ ନେତାଙ୍କୁ ହତ୍ୟା କରାଯାଇଛି । ଆଗକୁ ଆହୁରି ଅନେକ ନେତା ଟାର୍ଗେଟରେ ଅଛନ୍ତି । ମଧ୍ୟ ପ୍ରାଚ୍ୟ ମୁସ୍ଲିମ ଦେଶ ପ୍ରତ୍ୟକ୍ଷ ଯୁଦ୍ଧର ଅଂଶୀଦାର ନହେଲେବି ଆମେରିକାକୁ ଇରାନର ସମୂଳ ବିନାଶ ପାଇଁ ଅପ୍ରତ୍ୟକ୍ଷ ସମର୍ଥନ ଜଣାଉଛନ୍ତି । ଆମେରିକା ଅଲି ଲାରିଜାନିର ହତ୍ୟା କରାଇ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାକୁ ଚାହୁଁଥିଲା । ମୃତ୍ୟୁ ଭୟରେ ଇରାନ ଯୁଦ୍ଧ ବିରାମ ପାଇଁ ବାଧ୍ୟ ହେବ ବୋଲି ଆକଳନ କରୁଥିଲା । କିନ୍ତୁ ଇରାନ ଆଗରେ ଆମେରିକାର ଆଶା ଏବଂ ଅନୁମାନ ଫେଲ୍ ମାରିଛି । କୌଣସି ନେତା କିମ୍ବା ବ୍ୟକ୍ତିର ମୃତ୍ୟୁ ଇରାନର ଲକ୍ଷ୍ୟରେ ପ୍ରଭାବ ପକାଏନି । ଗୁରୁତ୍ୱ ରଖେନି । ଯଦିଓ ଇରାନର ସର୍ବୋଚ୍ଚ ନେତା ସଶସ୍ତ୍ର ସାମରିକ ବଳର କମାଣ୍ଡର ଇନ୍ ଚିଫ୍ ଓ ସ୍ଥଳ, ଜଳ, ନଭ ସେନା ଏବଂ ଆଇଆରଜିସି ତାଙ୍କୁ ରିପୋର୍ଟ କରନ୍ତି, କିନ୍ତୁ ଆଇଆରଜିସି ଓ ସରକାରଙ୍କ ଗୁଇନ୍ଦା ବିଭାଗ ସ୍ୱତନ୍ତ୍ର ଭାବେ କାମ କରେ । କେହି କାହାରି କାମରେ ହସ୍ତକ୍ଷେପ କରନ୍ତିନାହିଁ । ବେସିଜ ଫୋର୍ସ ଆଇଆରଜିସି ତଳେ, ତାରି ଅଧୀନରେ କାମ କରେ । ଏହା ଜନବିଦ୍ରୋହ ଓ ଆନ୍ତରିକ ସୁରକ୍ଷା ବିଷୟରେ ବୁଝେ । ଆଇଆରଜିସି ଅଧୀନରେ ୧୬ ଖୁପିଆ ଏଜେନ୍ସି ରହିଛି । ସେମାନଙ୍କ ପାଇଁ ଅଲଗା ଅଲଗା କଣ୍ଟ୍ରୋଲ ରୁମ ଥାଏ । ଇରାନ ସେନା ମକର ସିଷ୍ଟମରେ କାମ କରେ । ଅଲଗା ଅଲଗା ଓ ସ୍ୱତନ୍ତ୍ର ସୈନ୍ୟ ଅପରେସନ, ତେହେରାନର ସୁରକ୍ଷା ଏବଂ ଆପାତକାଳୀନ ନିଷ୍ପତ୍ତି ନିଆଯାଇଥାଏ । ଏପରି ସ୍ଥିତିରେ ଯୁଦ୍ଧ କେତେ ଦିନ ଚାଲିବ ଓ କେତେ ଭୟାବହ ହେବ ତାହା କହିବା କଷ୍ଟକର । ବିଷମୟ ବିଶ୍ୱ ମଧୁମୟ ହେବ ନା ନାହିଁ ତାହା ମଧ୍ୟ ସନ୍ଦୀହାନ ।

ସମ୍ବଲପୁର
ମୋ:୭୯୭୮୨ ୮୩୧୯୦

# ପିଲାଙ୍କ ପାଇଁ ସୋସିଆଲ୍ ମିଡ଼ିଆ

**ପ୍ରଫେସର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଅଷ୍ଟ୍ରେଲିଆ ସରକାର ଏକ ଦଣ୍ଡନୀୟ ଆଇନର ପ୍ରବର୍ତ୍ତନ କରି ଷୋହଳ ବର୍ଷ ବୟସରୁ କମ ବୟସ୍କଙ୍କୁ ସାମାଜିକ ଗଣମାଧ୍ୟମରୁ ବହିଷ୍କାର କରିବାର ଉଦ୍ୟମ କରିଛନ୍ତି । ଏଭଳି କରିବାରେ ଅଷ୍ଟ୍ରେଲିଆ ହେଉଛି ପ୍ରଥମ ଦେଶ । ତେବେ ଆମ ଭାରତରେ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ସରକାର ଏ କ୍ଷେତ୍ରରେ ଆଇନ ପ୍ରଣୟନ ପାଇଁ ଉଦ୍ୟମ ଆରମ୍ଭ କରିଦେଲେଣି । ପ୍ରକାଶ ଥାଉକି ଅଷ୍ଟ୍ରେଲିଆ ସରକାର ଏହି ଦାୟିତ୍ୱ ପିଲାମାନଙ୍କ ପିତାମାତା ବା ଅଭିଭାବକଙ୍କୁ ନ ଦେଇ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକର ପରିଚାଳକ ଟେକ୍ କମ୍ପାନୀଙ୍କ ଉପରେ ନ୍ୟସ୍ତ କରିଛନ୍ତି, ଯେଉଁମାନେ ଉନ୍ନତ ପ୍ରଯୁକ୍ତି ଏବଂ ଏ.ଆଇ. ବ୍ୟବହାର କରି ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ବୟସ ନିରୂପଣ କରିବା ସହ ନିର୍ଦ୍ଧାରିତ ବୟସ ସୀମାରୁ କମ ବୟସ୍କଙ୍କୁ ସାମାଜିକ ଗଣମାଧ୍ୟମରେ ପହଞ୍ଚରୁ ଦୂରରେ ରଖିବେ । ଏହି ଆଇନର ଅବମାନନାକାରୀଙ୍କୁ ୩୫ ନିୟୁତ ଆମେରିକୀୟ ଡଲାରର ମୋଟା ଜରିମାନା ଦ୍ୱାରା ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଅଷ୍ଟ୍ରେଲିଆ ସରକାରଙ୍କ ତର୍କ କହିଥାଏ ଯେ କୈଶୋରରେ ସାମାଜିକ ଗଣମାଧ୍ୟମ ସହିତ ନିଘଞ୍ଚ ସଂପୃକ୍ତି ହେତୁ ଅସୁମାରି ପିଲା ମାନସିକ ଅସୁସ୍ଥତାର ଶିକାର ହେଉଛନ୍ତି, ଯାହା ଉଚ୍ଚାଙ୍ଗ ଗବେଷଣା ମୂଳକ ଦିସ୍ତାଦିସ୍ତା ଦସ୍ତାବେଜରୁ ଅତ୍ୟନ୍ତ ସ୍ପଷ୍ଟ । ଯେମିତି ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ଦ୍ୱାରା ପ୍ରକାଶିତ ଏକ ଗବେଷଣାର ନିଷ୍କର୍ଷ ହେଲା ଏହା ଯେ ଇନଷ୍ଟାଗ୍ରାମ ବ୍ୟବହାରକାରୀ କିଶୋରୀ ମାନଙ୍କ ମଧ୍ୟରୁ ତିନି ଚତୁର୍ଥାଂଶ ସେମାନଙ୍କ ରୂପ, ବେଶଭୂଷା, ସାମାଜିକ ଚଳଣି ଓ ଆର୍ଥିକ ସ୍ଥିତିକୁ ନେଇ ଗଭୀର ହୀନମନ୍ୟତାର ଶିକାର ହୁଅନ୍ତି । କାରଣ ଇନଷ୍ଟାରେ ଆବିର୍ଭୂତ ହେଉଥିବା ଅନେକ ଝିଙ୍କ ଲାବଣ୍ୟ ରୂପ ଲାବଣ୍ୟ ବା ଅନ୍ୟାନ୍ୟ ହଟଚମଟ ଅତୁଳନୀୟ ବୋଲି ଭାବି ନେଇ ସେମାନେ ନିଜକୁ ନ୍ୟୂନ ଦୃଷ୍ଟିରେ ଦେଖିବାକୁ ଲାଗନ୍ତି । କହିବା ବାହୁଲ୍ୟ, ଅବଲୀଳା କ୍ରମେ ଏହି ଭାବନା ତୀବ୍ର ବିଷାଦବୋଧକୁ ମଧ୍ୟ ଜନ୍ମ ଦେଇଥାଏ । ଛୋଟ ପିଲାଙ୍କ ମନୋରଞ୍ଜନ ସକାଶେ ଖୁବ ଆଦୃତ ସର୍ବବୃହତ୍ ଆପ ରିବକସରେ ଏଭଳି ଯୌନ ବିକାରଗ୍ରସ୍ତଙ୍କ ଅବାଧ ଉପସ୍ଥିତି ପ୍ରଘଟ ହୋଇ ତୀବ୍ର ଚାଞ୍ଚଲ୍ୟ ସୃଷ୍ଟି କରିସାରିଛି । ଏବଂ ଉଦବେଗର ବିଷୟ ହେଲା ଏଭଳି ଅନେକ ଆପ ଏବେ ବି ସକ୍ରିୟ ଏବଂ ସନ୍ତର୍ପଣରେ ଅଭିସନ୍ଧି ହାସଲରେ ବ୍ୟାପୃତ । ସେହି ଦୃଷ୍ଟରୁ ଅଷ୍ଟ୍ରେଲୀୟ ଆଇନଟି ଯେ ସଂପୂର୍ଣ୍ଣ ଯୁକ୍ତି ସଂଗତ, ତହିଁରେ ସନ୍ଦେହ ନାହିଁ । କିନ୍ତୁ, ପ୍ରଶ୍ନ ହେଲା ଏହାକୁ ପୂର୍ଣ୍ଣତଃ କାର୍ଯ୍ୟକାରୀ କରାଯିବା ସମ୍ଭବ ତ ? ଏହା ବ୍ୟତୀତ ଆଉ ଯେଉଁ ସମସ୍ୟା ପ୍ରତି ଅନେକ ବିଶେଷଜ୍ଞ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି, ତାହା ହେଲା ଉତ୍ତୀର୍ଣ୍ଣ କୈଶୋରର ସଭିଏଁ ଅହର୍ନିଶ ସ୍ମାର୍ଟଫୋନ ପର୍ଦ୍ଦାରେ ନିମଗ୍ନ ରହି ପରିବାରରେ ଯେଉଁ ଇକୋ ସିଷ୍ଟମ ଗଢ଼ିବେ ତହିଁରେ ଚିର କୁତୂହଳୀ କିଶୋର-କିଶୋରୀମାନଙ୍କୁ ଅଧିକ କାଳ ଧରି ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖାଯିବା ମଧ୍ୟ ଦୁଷ୍କର । ଆମେରିକାରେ ଆଇନ ସତ୍ତ୍ୱେ କମ ବୟସର ପିଲାମାନଙ୍କୁ ଯେମିତି ବାପାଙ୍କ ବନ୍ଧୁକ ହସ୍ତଗତ ହୋଇଯାଏ, ଅଷ୍ଟ୍ରେଲିଆରେ ସ୍ମାର୍ଟ ଫୋନକୁ ନେଇ ତତ୍ତୁଲ୍ୟ ପରିସ୍ଥିତି ସୃଷ୍ଟି ହୋଇପାରେ ।

ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ବିଶେଷକରି ପିଲାମାନଙ୍କ ପାଇଁ ଜ୍ଞାନ ଆହରଣର ବଡ଼ ରାସ୍ତା ଦେଖାଉଛି । ତାଙ୍କ ଭିତରୁ ଏହାକୁ କିଛି ଅନୁକରଣ କରୁଛନ୍ତି ତ ଆଉ କିଛି ବାଟବଣା ହୋଇଯାଉଛନ୍ତି । ଆନ୍ତର୍ଜାତିକ ସର୍ବେକ୍ଷଣ ଦର୍ଶାଏ ଯେ ଅଧିକାଂଶ କିଶୋର ତେର ବର୍ଷ ବୟସ ପୂର୍ବରୁ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଆରମ୍ଭ କରିଦିଅନ୍ତି ଏବଂ ଦିନକୁ ଏକାଧିକ ଘଣ୍ଟା ଅନଲାଇନରେ ବିତାଇ ଥାଆନ୍ତି । ପିଲାମାନେ ଘଣ୍ଟା ଘଣ୍ଟା ଧରି ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହିବା ଦ୍ୱାରା ସେମାନଙ୍କର ବୌଦ୍ଧିକ, ଶାରୀରିକ ଓ ମାନସିକ କ୍ଷେତ୍ର ବାଧାପ୍ରାପ୍ତ ହୋଇଥାଏ । ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ହେବା ଦ୍ୱାରା ଅନେକ ପିଲାଙ୍କୁ ଭୋକ ଲାଗିନଥାଏ । ସେମାନଙ୍କୁ କେହି ଏ କ୍ଷେତ୍ରରେ ସଚେତନ କଲେ ବରଂ ସେମାନେ ବିରକ୍ତି ହୋଇପଡ଼ନ୍ତି ଯାହାଫଳରେ ପିଲାମାନଙ୍କର ଚିଡ଼ିଚିଡ଼ାପଣ ଆରମ୍ଭ ହୋଇଥାଏ । ସେହିପରି ଏହା ପିଲାମାନଙ୍କର ମେଦବହୁଳତା ବଢ଼ାଇବା ସହ ଅନେକ କ୍ଷେତ୍ରରେ ମାନସିକ ଭାରସାମ୍ୟ ହରାଇବା ପରି ପରିସ୍ଥିତି ସୃଷ୍ଟି କରିଥାଏ ।

ସୋସିଆଲ ମିଡ଼ିଆରେ ଜଡ଼ିତ ହେବା ଦ୍ୱାରା ଅନେକ ଭୁଲ ଖବର ସେମାନଙ୍କୁ ଭାବପ୍ରବଣ କରିଥାଏ କିମ୍ବା ଏକ ଭୁଲ ଦିଗକୁ ନେଇଥାଏ । ଏହି ସାମାଜିକ ବନ୍ଧୁଟି ଅନେକ ପିଲାଙ୍କୁ ସେମାନଙ୍କର ପରିବାର ଓ ସମ୍ପର୍କୀୟଙ୍କ ଠାରୁ ଦୂରେଇ ଦେବା ସହ ସେମାନଙ୍କ ସୃଜନଶୀଳତା ଓ ଚିନ୍ତାଶକ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାଏ । ତେଣୁ ଏ କ୍ଷେତ୍ରରେ ପିଲାମାନେ ସେମାନଙ୍କର ବନ୍ଧୁ ଭାବିଥିବା ସୋସିଆଲ ମିଡ଼ିଆଟି ସେମାନଙ୍କ ପାଇଁ ଘାତକ ହୋଇ ସେମାନଙ୍କ ମନର କୋମଳତାକୁ ନଷ୍ଟ କରିବା ପୂର୍ବରୁ ଅଭିଭାବକମାନେ ସଚେତନ ହୁଅନ୍ତୁ ଏବଂ ସେମାନଙ୍କୁ ଭଲ ଭାବେ ବୁଝାଇ ଏଥିରୁ ନିବୃତ୍ତ ନକରି ବରଂ ସୀମିତ ବ୍ୟବହାର ଦ୍ୱାରା ଏହା କିପରି ସେମାନଙ୍କ ପାଇଁ ଜଣେ ଯଥାର୍ଥ ବନ୍ଧୁ ହୋଇପାରିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ ।

ବାଲେଶ୍ୱର

# ଜୀବନର ଲକ୍ଷ୍ୟ

**ସୌରଚନ୍ଦ୍ର ମହାପାତ୍ର**

ନୈତିକତା ଏବଂ ଇନ୍ଦ୍ରିୟସଂଯମ ଏ ଦୁଇଟି ସ୍ଥିତି ଆଖି ବୁଜି ଦେଇ ଯିଏ ଜୀବନ ଧାରଣ କରିବ ସେ ଭକ୍ତ ହୋଇଥିଲେ ବି ଭ୍ରମ ଓ ଅଜ୍ଞାନରେ ବୁଡ଼ି ରହିଥିବ । ଦୀପ ନହେଲେ ଯେ ଅନ୍ଧକାର ଦୂର ହେବ ନାହିଁ, ଏହା ସମସ୍ତଙ୍କୁ ଗୋଚର । ଆମେ ସମସ୍ତେ ସଂସାର ରୂପକ ରଙ୍ଗମଞ୍ଚରେ ନାନା ଭୂମିକାରେ ଅଭିନୟ କରୁଛେ, ଚଉରାଅଶୀ ଲକ୍ଷ ଜୀବ ମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହା କରୁଛନ୍ତି, ମାତ୍ର ଏକା ମନୁଷ୍ୟ ଈଶ୍ୱରଙ୍କ ଅନୁଗ୍ରହ ପାଇବା ପାଇଁ ନାନା ପ୍ରକାରେ ଉଦ୍ୟମ କରୁଛି ।

ସାଧାରଣ ଜୀବନର ଛୋଟିଆ କଥାଟି ଉପସ୍ଥାପନ କରୁଛି ଯାହା ସମସ୍ତେ ବୁଝିପାରିବେ । ମୁଣ୍ଡରେ ଓଜନିଆ ବୋଝ ବୋହୁଥିବା ଲୋକ ତରତର ହୋଇ ବାଟ ଚାଲେ, କାରଣ ଘରେ ପହଞ୍ଚିଲେ ସେ ବୋଝରୁ ମୁକ୍ତ ହେବ । ଅଫିସକୁ ଯାଉଥିବା କର୍ମଚାରୀ ବିଚାରୁଥାଏ କେତେବେଳେ ୫ଟା ବାଜିବ, ସେ ଘରକୁ ଯିବ । ଗାଡ଼ି, ମଟର ବା ଟ୍ରେନରେ ଯାଉଥିବା ଯାତ୍ରୀ ମଧ୍ୟ ଉତ୍କଣ୍ଠିତ ହୋଇ ଚାହିଁଥାଏ କେବେ ଯାତ୍ରା ସରିବ, ସେ ଲକ୍ଷ୍ୟଠାରେ ପହଞ୍ଚିବ । ମାତ୍ର ଅସଂଖ୍ୟ ଜନ୍ମ ଭିତରେ ଘୁରି ଘୁରି ମଧ୍ୟ ମଣିଷ ପଚାରୁ ନାହିଁ ସେ କେବେ ଜୀବନର ଲକ୍ଷ୍ୟ ଈଶ୍ୱରଙ୍କଠାରେ ପହଞ୍ଚିବ । ଆଜିକାଲି ମଣିଷର ଅବସର ସମୟ ବଢ଼ାଇବା ପାଇଁ ଯେତେ ଚେଷ୍ଟା କରାଯାଉଛି, ମନର ଶାନ୍ତି ବଢ଼ାଇବା ପାଇଁ ସେତେ ଚେଷ୍ଟା କରାଯାଉନାହିଁ । ମନର ଶାନ୍ତି ନଥିଲେ ଅବସର ଅଧିକ ପାଇଲେ ମଧ୍ୟ କ'ଣ ଆମେ ତୃପ୍ତ ହୋଇପାରିବା ? ଜଣେ ଜ୍ଞାନୀ ଦିନର ଚବିଶ ଘଣ୍ଟା କାମ କଲେ ମଧ୍ୟ ଅଚିନ୍ତିତ ପ୍ରଶାନ୍ତ ରହିଥିବ । ମାତ୍ର ଜଣେ ଅଜ୍ଞ ଲୋକ ସାରା ଦିନ କିଛି କାମ ନକରି ଆରାମ କଲେ ବି ବ୍ୟସ୍ତ ବିବ୍ରତ ରହିବ । ପୃଥିବୀରେ ଶାନ୍ତି ନପାଇ ମଣିଷ ଚନ୍ଦ୍ରଲୋକକୁ ଗଲାଣି । କେବଳ ସେତିକି ନୁହେଁ ଚନ୍ଦ୍ରପୃଷ୍ଠରେ ଲୋକେ ଜାଗା ବାଡ଼ି କିଣିବାକୁ ବାହାରିଲେଣି । ଚନ୍ଦ୍ରରେ ଶରୀର ଶୀତ ରହିଲେ ମଧ୍ୟ ମନ ଭୟାତୁର ରହିବ । ପୃଥିବୀରେ ଯେଉଁ ଶାନ୍ତି ମିଳିଲା ନାହିଁ, ତାହା କଣ ଚନ୍ଦ୍ରପୃଷ୍ଠରେ ମିଳିବ ? ଏସବୁ ସ୍ଥାନ ମାନଙ୍କରେ ଶାନ୍ତି ନାହିଁ । ଶାନ୍ତି ଅଛି ଆମ ମାନଙ୍କ ହୃଦୟ ଭିତରେ । ନିଜର ହୃଦୟ ବାହାରେ ଶାନ୍ତି ଖୋଜିବା କେବଳ ମହାଭ୍ରମ । କୌଣସି ପଦାର୍ଥକୁ ଗୋଟାଏ ମନୋହର ସୁନ୍ଦର ନାମ ଦେଇଦେଲେ ସେ ବସ୍ତୁଟିର ସ୍ୱଭାବରେ ପରିବର୍ତ୍ତନ ଆସିଯିବ, ନା ତାର ପ୍ରକୃତ ରୂପ ସବୁଦିନ ପାଇଁ ବଦଳିଯିବ ? ସେପରି ବସ୍ତୁଟିଏ ଦେଖିଲେ ଆମେ ବୁଝିଯିବା, ଏହାର ମୂଲ୍ୟ କିଛି ନାହିଁ । ଚନ୍ଦ୍ରରେ ଯାଇ ପହଞ୍ଚିବାକୁ ମଣିଷ ଯେତେ ବଡ଼ ବୋଲି କହିଲେ ମଧ୍ୟ ବାସ୍ତବରେ ଦେଖିବ ଏପରି ଏକ ଅଭିଯାନ ପ୍ରକୃତରେ ନିରର୍ଥକ । କେବଳ ନାମଟି ବଡ଼ ।

ସଂସାରରେ ଆମେ ସମସ୍ତେ ଶାନ୍ତି ଚାହୁଁ । ସେଥିପାଇଁ ଆମେ ନାନା କର୍ମ କରିଥାଉ । ଯେଉଁ ହୃଦୟରେ ଧର୍ମ ନିବାସ କରେ, ସେଠାରେ ଅନେକ ଉତ୍ତମ ଗୁଣ ରହିବ, ଯେଉଁଠି ଉତ୍ତମ ଗୁଣ ଅଛି, ସେଠାରେ ବୁଝାମଣା ରହିବ, ଯେଉଁଠି ବୁଝାମଣା ଅଛି, ସେଠାରେ ଉତ୍ତମ ଗୁଣ ଅଛି, ସେଠାରେ ଶୃଙ୍ଖଳା ରହିବ, ଯେଉଁଠି ସଂଯମ ଓ ଶୃଙ୍ଖଳା ବିଦ୍ୟମାନ, ସେଠାରେ ଶାନ୍ତି । ସେଥିପାଇଁ ଶାନ୍ତି ନିର୍ଭର କରେ ବ୍ୟକ୍ତିର ଗୁଣ ଉପରେ । ସଦାଚାର ଓ ସଦଗୁଣ ହିଁ ଆତ୍ମସାକ୍ଷାତକାର ମାର୍ଗ । ଇନ୍ଦ୍ରିୟ ମାନଙ୍କୁ ସନ୍ତୁଷ୍ଟ କରିବା, ସଂସାରିକ ବସ୍ତୁ ଆହରଣ କରିବା ଓ ଭୌତିକ ସମ୍ପତ୍ତି ସଂଗ୍ରହ କରିବା ପାଇଁ ପ୍ରଲୋଭନକୁ ଦମନ କରିବା ଉଚିତ । ଆତ୍ମମାନଙ୍କର କାମନାର ସୀମାଙ୍କନ ପାଇଁ ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଅନେକ ମାର୍ଗ ଦର୍ଶନ କରିଛନ୍ତି । ଆଧ୍ୟାତ୍ମିକ ଜୀବନରେ ଆତ୍ମମାନଙ୍କର ଦିବ୍ୟ ଜୀବନ ପାଇଁ ଯେଉଁ ଚାରୋଟି ଶ୍ରେଷ୍ଠ ଯୋଗ ସମ୍ବନ୍ଧରେ ଶ୍ରୀସାଇ ଦିବ୍ୟ ଉପଦେଶାବଳୀରେ ମାର୍ଗ ଦର୍ଶନ କରିଛନ୍ତି ତାହାହେଲା, ଭକ୍ତି, ଜ୍ଞାନ, କର୍ମ ଓ ରାଜ - ଏ ଚାରି ଯୋଗ ମଧ୍ୟରୁ କାହାର ଉପଯୁକ୍ତତା ବିଷୟରେ ବିବାଦ ଅନାବଶ୍ୟକ, କାରଣ ଚାରୋଟି ଯାକ ଆବଶ୍ୟକ ଏବଂ ଚରମ ବିଜୟ ପାଇଁ ଚାରୋଟିଯାକର ଅବଦାନ ରହିଛି । କର୍ମଯୋଗ ହେଉଛି ମାଟି ଦୀପ, ଭକ୍ତିଯୋଗ ସେଥିରେ ଥିବା ତେଲ, ରାଜଯୋଗ ହେଉଛି ବଳିତା ଜ୍ଞାନଯୋଗ ହେଉଛି ଆଲୋକ ।

ସେକ୍ଟର-୬, କଟକ
ମୋ : ୯୪୩୭୦୦୪୪୬୬

## ସଂପାଦକଙ୍କୁ ପତ୍ର

### କୁପଥରେ ଗତି କରୁଛି ଯୁବପିଢ଼ି

ମହାଶୟ,

ମହାପୁରୁଷଙ୍କୁ ଯୁବପିଢ଼ି ଜାଣିବାର ଆଗ୍ରହ ନାହିଁ କାରଣ ସେମାନଙ୍କ ପାଖରେ ଯେଉଁ ଚରିତ୍ରମାନେ ଦେଖାଯାଉଛନ୍ତି, ସେମାନଙ୍କୁ ହିଁ ଜାଣୁଛନ୍ତି । ସେମାନେ ଯଦି ମହାପୁରୁଷଙ୍କୁ ଜାଣନ୍ତେ ଅବା ସେମାନଙ୍କର ବାଣୀ ଦ୍ୱାରା ପ୍ରଭାବିତ ହୋଇ କାମରେ ଲଗାଉଥାନ୍ତେ, ତାହେଲେ ଆଜିକାଦିନରେ କ୍ରିକେଟ କି ସିନେମାର ଷ୍ଟାରମାନେ ଏତେ ଲୋକପ୍ରିୟ ହୋଇ ନଥାନ୍ତେ । ଯୁବପିଢ଼ିଙ୍କ ପାଖରେ ସେମିତି କିଛି ଜାଣିବାର ଅବକାଶ ନାହିଁ ଅବା ଜାଣିବାକୁ ସେମାନେ ବ୍ୟକ୍ତିଗତ ସ୍ତରରେ ଚେଷ୍ଟା କରୁନାହାନ୍ତି । ସେଥିପାଇଁ ସେମାନେ ଶସ୍ତା କଥାଗୁଡ଼ିକରେ ମନୋନିନବେଶ କରୁଛନ୍ତି । ବିଶ୍ୱଗୁରୁ ମାନ୍ୟତା ପାଇଥିବା ଦେଶ ଭାରତ ଜ୍ଞାନଗାରିମାରେ ପରିପୂର୍ଣ୍ଣ । ଯଦି ଜଣେ ଭାରତୀୟ ଯୁବକ ଚାହିଁବ ପଢ଼ିବା ତ ଦୂରର କଥା ସାମାଜିକତାରୁ ମଧ୍ୟ ପାଣ୍ଡିତ୍ୟ ଅର୍ଜନ କରିପାରିବ । କିନ୍ତୁ ତାହା କାମରେ ନଲଗାଇ ବସ୍ତୁବାଦ ପଛରେ ଏବେ ଧାଇଁବା ପରିଲକ୍ଷିତ ହୋଇଛି । ବସ୍ତୁବାଦର କାମନା ବାସନା ଆଜିର ଯୁବଗୋଷ୍ଠୀଙ୍କୁ ପ୍ରକୃତ ଜ୍ଞାନ ଠାରୁ ଦୂରେଇ ଦେଇଛି । ଛାତ୍ର ବୟସରେ ଯେଉଁ ମହନୀୟତାରେ ସେମାନେ ନୀତି ଆଦର୍ଶରେ ଉଦ୍‌ବୁଦ୍ଧ ହେବା କଥା , ସେ କାମ ନକରି କିପରି ସହଜ ଓ ସରଳ ଢ଼ଙ୍ଗରେ ଜୀବନକୁ ଉପଭୋଗ କରିହେବ, ସେହି ଚେଷ୍ଟାରେ ହିଁ ଥାନ୍ତି । ଏକ ନିର୍ଦ୍ଦିଷ୍ଟ ବିଶ୍ୱବିଦ୍ୟାଳୟର ପିଲାମାନେ ଆନ୍ଦୋଳନ କରିବା ବା ବିଶୃଙ୍ଖଳିତ ଉପାୟରେ ଜୀବନଧାରଣ କରିବା ପଛରେ ଲାଗେ କୌଣସି ମନିଷୀଙ୍କର ଦର୍ଶନ ସେମାନଙ୍କୁ ଛୁଇଁ ପାରିନାହିଁ । ଯୁବପିଢ଼ିଙ୍କୁ ତାହା ଆଦୌ ପ୍ରଭାବିତ କରିପାରୁନାହିଁ କାରଣ ଯେଉଁ ସମୟ ଓ ସ୍ଥିତି ଦେଇ ବର୍ତ୍ତମାନର ଯୁବଗୋଷ୍ଠୀ ବାଟ ଚାଲୁଛନ୍ତି, ତାହା ଏକ ଭୁଲ୍ ରାସ୍ତା ବୋଲି ମାନିବାକୁ ବି ପ୍ରସ୍ତୁତ ନୁହନ୍ତି । ଯଦି ଭାରତୀୟ ସଂସ୍କୃତି ସେମାନଙ୍କ ଉପରେ ପ୍ରଭାବ ପକାଇଥାନ୍ତା, ତାହେଲେ କେବେ କୁପଥଗାମୀ ହୋଇ ନଥାନ୍ତେ ।

ସର୍ବେଶ୍ୱର ମହାନ୍ତି, କଟକ







# ଉଦ୍‌ଘାଟନକୁ ୧୬ବର୍ଷ ପୁରିଲା, କାର୍ଯ୍ୟାଳୟରେ ଝୁଲୁଛି ତାଲା

ଘୁ.ଉଦୟଗିରି: କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରିକୁ ଉପଖଣ୍ଡ ମାନ୍ୟତା ଦାବି ଦୀର୍ଘ ବର୍ଷ ହେଲେ ମଧ୍ୟ ଅଞ୍ଚଳବାସୀଙ୍କ ଦାବିକୁ ରାଜ୍ୟ ସରକାର ଅଣଦେଖା କରିଚାଲିଛନ୍ତି। ତତ୍କାଳୀନ ରାଜ୍ୟ ସରକାର ୨୦୧୦ ମସିହାରେ ଏହାକୁ ହୃଦୟଙ୍ଗମ କରି ଘୁ.ଉଦୟଗିରି ଠାରେ ଏକ ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଲେ ଏବଂ ଉପଖଣ୍ଡ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଏଠାରେ ହେବ ବୋଲି କହି ଭୁଆଁ ବୁଲାଇଲେ।

ସହରର ରାଜସ୍ୱ ଡାକ ବଙ୍ଗଳାକୁ ପୁନରୁଦ୍ଧାର କରି ସେହି ଗୃହରେ ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଗତ ୨୫-୧୦-୨୦୧୦ରେ ତତ୍କାଳୀନ ମୁଖ୍ୟ ମନ୍ତ୍ରୀ ନିଜେ ଉଦଘାଟନ କରିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଦାୟୀତ୍ୱରେ ସ୍ଥାନୀୟ ତହସିଲଦାରଙ୍କୁ ଦାଇତ୍ୱ ଦିଆଗଲା। ଜଣେ କିରାଣୀ, ଜଣେ ପିଅନ କାର୍ଯ୍ୟରେ ଯୋଗ ଦେଲେ। ହେଲେ ସରକାରୀ ନିର୍ଦ୍ଦେଶ ନ ଥିବା ଯୋଗୁଁ ବାଲିଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା କୌଣସି କାର୍ଯ୍ୟ ଏହି କାର୍ଯ୍ୟାଳୟରେ ହେଲା ନାହିଁ। ଯେମିତି ସାଧାରଣ ଲୋକ ବାଲିଗୁଡ଼ା ଦୌଡୁଥିଲେ ସେମିତି ଦୌଡ଼ିବାକୁ ପଡୁଛି। କିଛି ଦିନ ପରେ ଏଠାରେ ନିଯୁକ୍ତି ହୋଇଥିବା କିରାଣୀ ସେଠାରୁ ଅନ୍ୟତ୍ର ବଦଳି ହୋଇଗଲେ। ଏହା ପରେ ଜଣେ ମହିଳା ପିଅନ କାର୍ଯ୍ୟାଳୟକୁ ଜଗି ବସିଥିଲେ। ଜଣେ କିରାଣୀ କାର୍ଯ୍ୟାଳୟକୁ ଜଗି ବସିଥିଲେ ଗତ ଅଗଷ୍ଟ ମାସରେ ସେ ଅବସର ନେବା ପରେ ବିନା କୌଣସି ଅଧିକାରୀ କର୍ମଚାରୀରେ କେବଳ ଫଳକ ରେ ରହିଯାଇଛି ଘୁ.ଉଦୟଗିରି ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ।

ଏହିଭଳି ଦୃଶ୍ୟ ଦେଖିବା ପରେ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସପ୍ତାଚର୍ଯ୍ୟ ମଧ୍ୟରୁ ଏହି କାର୍ଯ୍ୟଳୟର ଦୃଶ୍ୟ ଏକ ଆଶ୍ଚର୍ଯ୍ୟ ବୋଲି ଅନୁଭବ ହେଉଚିମ। ବାଲିଗୁଡା ଉପଖଣ୍ଡ ଓଡ଼ିଶାର ବୃହତ୍ ଉପଖଣ୍ଡ, ଏହି କାର୍ଯ୍ୟାଳୟକୁ ଯାଇ କାମ କରି ଫେରିବାକୁ ଦୁଇଦିନ ସମୟ ଲାଗୁଛି। ଚକାପାଦ ବ୍ଲକର ଦୁର୍ଗମ ଅଞ୍ଚଳରୁ ଆସୁଥିବା ଏବଂ ରାଇକିଆ ବ୍ଲକର ରଣବା, କାରଡା ଅଞ୍ଚଳରୁ ବାଲିଗୁଡା ଯାଇ କାମ କରିବା କେତେ କଷ୍ଟ ଏବଂ ଅର୍ଥ ବ୍ୟାୟ ହୁଏ ତାହା ଜିଲ୍ଲା





ପ୍ରଶାସନ ଏବଂ ରାଜ୍ୟ ସରକାର ହୃଦୟଙ୍ଗମ କରିବା ବଦଳରେ ଆଦିବାସୀ ଅଧୁଷିତ ଏହି ଦୁର୍ଗମ ଅଞ୍ଚଳର ଲୋକଙ୍କ ସୁବିଧା କରିବା ବଦଳରେ ପ୍ରତାରଣା କରି ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିବାର ଗୋଟିଏ ଯୁଗ ପୁରିଗଲାଣି ତଥାପି କାର୍ଯ୍ୟକ୍ଷମ ହୋଇପାରିନି। ବିଡମ୍ବନାର ବିଷୟ ଘୁ.ଉଦୟଗିରି ଅଞ୍ଚଳବାସୀଙ୍କ ଦାବିକୁ ଏକ ପ୍ରକାର ଉପହାସ କଲା ଭଳି ଏହି କାର୍ଯ୍ୟାଳୟ ଖୋଲି ରଖାଯାଇଛି। ପୂର୍ବରୁ ଯେମିତି ଅଞ୍ଚଳବାସୀ ବାଲିଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନିଜନିଜର ରାଜସ୍ୱ ମାମଲା ପାଇଁ ବାଲିଗୁଡା ଦୌଡୁ ଥିଲେ ବର୍ତ୍ତମାନ ବି ସେମିତି ଦୌଡ଼ିବାକୁ ପଡୁଛି।ସ୍ଥାନୀୟ ସହରରେ ଅତିରିକ୍ତ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କାହିଁକି ଖୋଲା ଯାଇଛି ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ନିଜେ ଉଦଘାଟନ କରି ପରମୁହୂର୍ତ୍ତ ରେ ଠକିଦେଲେ। ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟର କାର୍ଯ୍ୟ ହେବ କହି ଠକିଦେଲେ।

ଏହି ବିଷୟରେ ଯୁବ ସମାଜସେବୀ ତଥା ଗବେଷକ ରାଜେଶ ବଗର୍ତ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟସଚିବଙ୍କୁ ଲିଖିତ ଭାବେ ଏହି କାର୍ଯ୍ୟାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅନୁରୋଧ କରିଥିଲେ। ହେଲେ ଉତ୍ତର ମିଳିଲା ଘୁ.ଉଦୟଗିରି ଅତିରିକ୍ତ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଚାଲୁଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ପୁଣି ଏହି ବିଷୟରେ ସ୍ଥାନୀୟ ବିଧାୟକ ପ୍ରଫୁଲ ପ୍ରଧାନ ଗତ ବିଧାନସଭା ଅଧିବେଶନ ରେ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶ୍ନ କରିଥିଲେ ହେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଥିଲେ ଘୁ.ଉଦୟଗିରି ରାଜସ୍ୱ ଡାକ ବଙ୍ଗଳା ଠାରେ ଥିବା ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚାଲୁ ଅଛି।ହେଲେ ପ୍ରଶ୍ନ ଉଠୁଛି ଏହି କାର୍ଯ୍ୟାଳୟରେ ଗୋଟିଏ ମଧ୍ୟ କର୍ମଚାରୀ କି ଅଧିକାରୀ ନାହାନ୍ତି ତାହାହେଲେ କାର୍ଯ୍ୟାଳୟ କିଭଳି ଏବଂ କେମିତି ଚାଲିଛି। ଆଉ ଯଦି ଚାଲିଛି ତେବେ କିଏ ଚଳେଇଛି ଏବଂ କେଉଁ କାର୍ଯ୍ୟ ହେଉଛି କିଏ ଉପକୃତ ହେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ମନ୍ତ୍ରୀଙ୍କ ପାଖରେ ତଥ୍ୟ ବି ନାହିଁ କି ତାଙ୍କୁ ସଠିକ ତଥ୍ୟ ଯୋଗେଇ ଦିଆଯାଇନାହିଁ। ଯଦି ସଠିକ ତଥ୍ୟ ଥାନ୍ତା ତାହାହେଲେ ମାନ୍ୟବର ବିଧାୟକଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇଥାନ୍ତେ। ଏଣୁ ବର୍ତ୍ତମାନର ରାଜ୍ୟ ସରକାର ଘୁ.ଉଦୟଗିରି କୁ ରାଜସ୍ୱ ଉପଖଣ୍ଡ ଘୋଷଣା କରିବା ସହ ସମସ୍ତ ସରକାରୀ କାର୍ଯ୍ୟ ଏଠି କରିବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ପୁଣି ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦେଇଛନ୍ତି।

# ଚିଲିକାରେ କମୁଛି ଚିଙ୍ଗୁଡ଼ି ଉତ୍ପାଦନ





ଖୋର୍ଦ୍ଧା: ଏସିଆ ମହାଦେଶର ସର୍ବବୃହତ୍ ଲବଣ ହ୍ରଦ ଚିଲିକାରେ କଙ୍କଡ଼ା ଓ ଚିଙ୍ଗୁଡ଼ି ଉତ୍ପାଦନ କମୁଛି। ଏନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିରୋ ନେଟ୍‌ର ବ୍ୟବହାର, ବେଆଇନ ଚିଙ୍ଗୁଡ଼ି ଘେରି ସାଙ୍ଗକୁ ଜଳବାୟୁ ପରିବର୍ତନ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ତେବେ କାରଣ ଯାହା ହେଉନା କାହିଁକି, ଏପରି ସ୍ଥିତି ମତ୍ସ୍ୟଜୀବୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରି ସ୍ଥିତି ଲାଗି ରହିଲେ, ଏହାର ପ୍ରଭାବ ସେମାନଙ୍କ ଭାତହାଣ୍ଡି ଉପରେ ପଡ଼ିବ ବୋଲି ସେମାନେ କହିଛନ୍ତି। ସୂଚନାନୁଯାୟୀ, ୧୧୦୦ ବର୍ଗକିମିରୁ ଅଧିକ ଅଂଚଳ ପରିବ୍ୟାପ୍ତ ଏହି ହ୍ରଦ କାହା ପାଇଁ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ତ ଆଉ କାହା ପାଇଁ ବୈଚିତ୍ରମୟ ଜୈବବିବିଧତାର ବିରଳ ଭଣ୍ଡାର। ଖାଲି ସେତିକି ନୁହେଁ, ଉପକୂଳବର୍ତୀ ଗ୍ରାମର ହଜାରହଜାର ପରିବାରଙ୍କ ଭାତହାଣ୍ଡି ଏହି ହ୍ରଦ। କିନ୍ତୁ ଗତ ୩ବର୍ଷ ହେଲା, ଏଠାରେ କଙ୍କଡ଼ା ଓ ଚିଙ୍ଗୁଡ଼ି ଉତ୍ପାଦନ ପୂର୍ବାପେକ୍ଷା କମିଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୧-୨୨ରେ ୧୨୧୮୭.୫୮ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଥିଲା। ୨୦୨୨-୨୩ରେ ଏହା ବୃଦ୍ଧି ପାଇ ୧୩୦୩୪.୬୦ ମେଟ୍ରିକ୍ ଟନ୍? ଏବଂ ୨୦୨୩-୨୪ରେ ୧୪୪୮୩.୭୪ ମେଟ୍ରିକ୍ ଟନ୍ ମାଛ ଚିଲିକାରୁ ଉତ୍ପାଦନ ହୋଇଥିବା ଜଣାଯାଇଛି। କିନ୍ତୁ ୨୦୨୧-୨୨ରେ ଚିଙ୍ଗୁଡି ୬୭୬୨.୦୧୫ ମେଟ୍ରିକ ଟନ୍ ଉତ୍ପାଦନ ହୋଇଥିବା ବେଳେ ୨୦୨୨-୨୩ରେ ଚିଙ୍ଗୁଡି ୬୩୨୭.୮୦ ଏବଂ ୨୦୨୩-୨୪ରେ ଚିଙ୍ଗୁଡି ୬୦୩୮.୯୬ ମେଟ୍ରିକ ଟନ୍ ହୋଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବର୍ଷ ପରେ ବର୍ଷ ଚିଙ୍ଗୁଡ଼ି ଉତ୍ପାଦନ କମିବାରେ ଲାଗିଛି। ସେହିପରି ୨୦୨୧-୨୨ରେ ଚିଲିକାରୁ ୪୭୮.୭୦ ମେଟ୍ରିକ ଟନ୍ କଙ୍କଡ଼ା ଉତ୍ପାଦନ ହୋଇଥିବା ବେଳେ ୨୦୨୨-୨୩ରେ ୪୪୫.୧୬ ମେଟ୍ରିକ ଟନ୍ ଏବଂ ୨୦୨୩-୨୪ରେ ୪୨୪.୭୧ ମେଟ୍ରିକ ଟନ କଙ୍କଡା ଉତ୍ପାଦନ ହୋଇଛି। କିନ୍ତୁ ସରକାରଙ୍କ ଏହି ତଥ୍ୟକୁ ଅସ୍ୱୀକାର କରିଛନ୍ତି ଚିଲିକା ମାଛ ଓ କଙ୍କଡ଼ା ବ୍ୟବସାୟୀ। ସେମାନଙ୍କ କହିବା କଥା, ଖାଲି ଚିଙ୍ଗୁଡ଼ି, କଙ୍କଡ଼ା ନୁହେଁ, ମାଛ ଉତ୍ପାଦନ ମଧ୍ୟ କମିବାରେ ଲାଗିଛି। ସେମାନଙ୍କ ଅଭିଯୋଗ ହେଲା, ଚିଲିକାରେ ଘେରି ଉଚ୍ଛେଦ ଅଭିଯାନ କେବଳ ପ୍ରତିବର୍ଷ କେବଳ ଲୋକଦେଖାଣିଆ ଭାବେ ହେଉଛି। ଏବେ ବି ଚିଲିକାରେ ଚିଙ୍ଗୁଡ଼ି ମାଫିଆଙ୍କ ବେଆଇନ ଘେରି ରହିଛି। ସେଗୁଡ଼ିକ ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏମିତିକି, ଚିଙ୍ଗୁଡ଼ି ମାଫିଆଙ୍କ ଦୌରାତ୍ମ୍ୟକୁ ମୁକାବିଲା କରି ଅନେକ ମତ୍ସ୍ୟଜୀବୀ ମଧ୍ୟ ସେମାନଙ୍କ ପ୍ରାୟୋଜିତ ଭଡ଼ାଟିଆ ଗୁଣ୍ଡାଙ୍କ ଆକ୍ରମଣର ଶିକାର ବିଗତ ଦିନରେ ହେବାର ଅନେକ ନଜିର ରହିଛି। ତେବେ ବର୍ତମାନର ସ୍ଥିତି ଏମିତି ହୋଇଛି ଯେ ମତ୍ସଜୀବୀମାନେ ଡଙ୍ଗା ନେଇ ଚିଲିକାକୁ ଯାଉଥିଲେ ମଧ୍ୟ ଡଙ୍ଗା ଖର୍ଚ୍ଚ ବି ଉଠୁନି। ଏଭଳି ପରିସ୍ଥିତିରେ ଚିଲିକାରୁ ମାଛ ମାରି ପେଟ ପୋଷୁଥିବା ମତ୍ସ୍ୟଜୀବୀମାନେ ତାଙ୍କ ଜୀବନ ଜୀବିକା ଓ ଭବିଷ୍ୟତକୁ ନେଇ ଚିନ୍ତାରେ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଏବେ ଚିଲିକା ଆଖପାଖ ୧୩୬ଟି ଗ୍ରାମରେ ପ୍ରାୟ ୩୦,୨୩୭ଟି ମତ୍ସ୍ୟଜୀବୀ ପରିବାର ରହିଛନ୍ତି। ୧ଲକ୍ଷ ୯୪ହଜାରରୁ ଊର୍ଦ୍ଧ୍ୱ ସକ୍ରିୟ ମତ୍ସ୍ୟଜୀବୀ ଅଛନ୍ତି। ୩୨୯୦ଟି ପାରମ୍ପରିକ ମାଛଧରା ଡଙ୍ଗା ରହିଥିବା ବେଳେ ୩୪ଟି ମତ୍ସ୍ୟ ଅବତରଣ କେନ୍ଦ୍ର ରହିଛି।

# ଉତ୍ପାଦନ ଗଜପତିରେ, ବିକ୍ରି ରାୟଗଡ଼ାରେ



ଗଜପତି : ଗଜପତି ଜିଲ୍ଲାର ରାୟଗଡ଼, କାଶୀନଗର ଓ ନୂଆଗଡ଼ ବ୍ଲକ୍‌ରେ ବ୍ୟାପକ ପରିମାଣର କପାଚାଷ ହେଉଛି। ପ୍ରତିବର୍ଷ ଜିଲ୍ଲାରୁ ୨୫ ହଜାର କ୍ୱିଂଟାଲ୍ ଅମଳ ହେଉଛି। କିନ୍ତୁ ବହୁବାର ଦାବି ଓ ପ୍ରସ୍ତାବ ସତ୍ତ୍ୱେ ଜିଲ୍ଲାରେ କପାମଣ୍ଡି ଖୋଲି ନଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ଆନ୍ଧ୍ର ବେପାରୀଙ୍କ ହାବୁଡ଼ରେ ପଡୁଛନ୍ତି। ଶାଗମାଛ ଦରରେ ଉତ୍ପାଦିତ କପା ବିକୁଥିବା ବେଳେ ସେମାନେ ମାଲାମାଲ୍ ହେଉଛନ୍ତି। ଆଉ ଚାଷୀ କ୍ଷତି ସହୁଛନ୍ତି। ସବୁଠୁ ବଡ଼ ପରିତାପର ବିଷୟ ହେଉଛି, ଜିଲ୍ଲାରେ କପା ମଣ୍ଡି ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ କଟନ୍ କର୍ପୋରେସନ୍‌କୁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ କର୍ପୋରେସନ୍ ଏହାକୁ ଗ୍ରହଣ କରୁନି। ସବୁପ୍ରକାର ଭିତିଭୂମିର ସୁବିଧା ସତ୍ତ୍ୱେ ଏଠାରେ ମଣ୍ଡିଟିଏ ଖୋଲିପାରୁନି। ଫଳରେ ବର୍ତମାନ ପାରଳାଖେମୁଣ୍ଡିରେ ଚାଷୀଙ୍କଠୁ କପା କିଣାଯାଇ ରାୟଗଡ଼ା ଜିଲ୍ଲା ଗୁଣପୁର ମଣ୍ଡିକୁ ପଠାଇବା ଲାଗି ନିଷ୍ପତି ନିଆଯାଇଛି। ଖୁବ୍ ଶୀଘ୍ର ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି ସୂଚନା ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲାରେ ୨୫ ହଜାର କ୍ୱିଂଟାଲ୍ କପା ଅମଳ ହୋଇଥିବା ଆକଳନ କରାଯାଇଛି। ଚଳିତବର୍ଷ ଅଧିକ ଅମଳ ଆଶା ରହିଥିଲା। କିନ୍ତୁ ଅଦିନିଆ ବର୍ଷାମାଡ଼ରେ କିଛି କପା ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ବର୍ତିଯାଇଥିଲା, ତାକୁ ଚାଷୀମାନେ ସାଇତି ରଖିଥିଲେ। ମଣ୍ଡି ଖୋଲିଲେ ଏହାକୁ ବିକ୍ରି କରିବାକୁ ଆଶାବାଦୀ ଥିଲେ। କିନ୍ତୁ ଏଥର ବି ସେମାନେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ସବୁବର୍ଷ ମଣ୍ଡି ଖୋଲିବାକୁ ବାରମ୍ବାର ଦାବି ହେଉଥିଲେ ବି କୌଣସି ସୁଫଳ ମିଳୁନି। ଫଳରେ ସେମାନେ ଗୁଣପୁର ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି। ଚାଷ ପାଇଁ ସେମାନେ ସାହୁକାରଙ୍କଠାରୁ ବିହନ ଓ ସାର ଆଦି ଆଣୁଛନ୍ତି। ତେଣୁ ଅମଳ ପରେ ସାହୁକାର ଯାହା ଦର ଧାର୍ଯ୍ୟ କରୁଛି, ସେହି ଦରରେ ଦେବାକୁ ବାଧ୍ୟ ହେଉଥିବା ଚାଷୀ ଭକ୍ତ ନାୟକ ଓ ଦେବାଶିଷ ନାୟକ କହିଛନ୍ତି। ବର୍ତମାନ ଜିଲ୍ଲାର ବିଭିନ୍ନ ଗ୍ରାମକୁ ଆନ୍ଧ୍ର ବେପାରୀମାନେ ଆସି ଚାଷୀଙ୍କଠୁ କପା କିଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏପରିକି କିଛି ଚାଷୀ ସେମାନଙ୍କୁ କପା ବିକ୍ରି କରିସାରିଛନ୍ତି। କାରଣ ସଂରକ୍ଷଣ ପାଇଁ କୌଣସି ସୁବିଧା ନଥିବାରୁ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଜିଲ୍ଲାରେ ୨୨୦୦ରୁ ଅଧିକ ହେକ୍ଟର୍ ଜମିରେ କପାଚାଷ ହେଉଛି। ତଥାପି ଜିଲ୍ଲାରେ ମଣ୍ଡି ଖୋଲା ନ ଯାଇ ପଡ଼ୋଶୀ ଜିଲ୍ଲାର ମଣ୍ଡିକୁ କପା ପଠାଇବା ନିଶ୍ଚିତ ଭାବେ ଏକ ବିଡ଼ମ୍ବନା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

# ସହରରେ ମାଳ ମାଳ ବେଆଇନ ବିଲଡିଂ !

## ଉଚ୍ଛେଦରେ ପାତରଅନ୍ତର

ରାଉରକେଲା: ସହରରେ ବାସଗୃହ ଓ ଅନ୍ୟାନ୍ୟ ବ୍ୟବସାୟିକ ବିଲ୍‌ଡିଂ ନିର୍ମାଣ ପାଇଁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଅନୁମତି ନିତାନ୍ତ ଆବଶ୍ୟକ। ଆରମ୍‌ସି ଅନୁମତିପ୍ରାପ୍ତ ପ୍ଲାନ୍ ହିସାବରେ ହିଁ ବିଲ୍‌ଡିଂ ନିର୍ମାଣ ହେବ। ତେବେ, ବର୍ତମାନ ଏହି ନିୟମର ଖୋଲା ଉଲ୍ଲଂଘନ ଦେଖିବାକୁ ମିଳୁଛି। ଲୋକେ ମୂଳ ପ୍ଲାନ୍‌କୁ ପରିବର୍ତନକରି ନିଜସ୍ୱ ଢାଂଚାରେ ବିଲ୍‌ଡିଂ ନିର୍ମାଣ କରୁଛନ୍ତି। ବିଡ଼ମ୍ବନା, ସବୁ ଜାଣି ଆରମ୍‌ସି କର୍ତୃପକ୍ଷ ଚୁପ୍ ବସିଛନ୍ତି। ଫଳରେ କର୍ତୃପକ୍ଷଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଅବଶ୍ୟ, ନଭେମ୍ବର/ଡିସେମ୍ବର ମାସରେ ହାତଗଣତି ୩/୪ଟି ଅବୈଧ ନିର୍ମାଣାଧୀନ ବିଲ୍‌ଡିଂକୁ କାର୍ଯ୍ୟବନ୍ଦ ନୋଟିସ ଦିଆଯାଇଥିଲା। ତେବେ ଛେଣ୍ଡ୍‌ଠାରୁ ଆରମ୍ଭକରି ବାସନ୍ତୀକଲୋନି, ପାନପୋଷ, କଳିଙ୍ଗବିହାର ଆଦି ଅଂଚଳରେ ଥିବା ବିଲ୍‌ଡିଂ ଉପରେ ବିଭାଗର ଦୃଷ୍ଟି ପଡୁନି। ଏମିତିକି ମୁଖ୍ୟ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ପାନପୋଷ ରୋଡ୍‌ରେ ଏଭଳି ଏକ ବିଲ୍‌ଡିଂ ନିର୍ମାଣ ହୋଇଛି। ପାନପୋଷ ରୋଡ୍‌ରେ ଥିବା ପ୍ଲଟ୍ ନଂ-୧୮୩/୩୧୧, ଖାତା ନଂ-୪ରେ ବିଲ୍‌ଡିଂ ନିର୍ମାଣ ଚାଲୁଥିବାରୁ ଆରଏମ୍‌ସି ପକ୍ଷରୁ କାରଣଦର୍ଶାଅ ନୋଟିସ୍ (ତାରିଖ: ୨୫/୧୦/୨୦୨୪, ଚିଠି ନଂ-୧୩୧୪୧) ଦିଆଯାଇଥିଲା। ଏହାପରେ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ୍ (ଚିଠି ନଂ-୧୩୧୪୨) ଦେଇଥିଲେ। ଉକ୍ତ ବିଲ୍ଡିଂ ନିର୍ମାଣବେଳେ କୌଣସି ନିୟମ ପାଳନ କରାଯାଇନଥିଲା। ବିନା ଅନୁମତିରେ ତଥା ବିନା ପ୍ଲାନ୍ ଅନୁମୋଦନରେ ନିର୍ମାଣକାର୍ଯ୍ୟ ଚାଲୁଥିବା ଦର୍ଶାଇ ଆରମ୍‌ସି ନୋଟିସ୍ ଜାରି କରିଥିଲା। ସମ୍ଭବତଃ ପରବର୍ତୀ ସମୟରେ କୌଣସି ଭିତିରିଆ ସନ୍ଧି ଯୋଗୁ ନିର୍ମାଣକାର୍ଯ୍ୟ ପୁନର୍ବାର ବେଗ ଧରିଥିଲା। ବର୍ତମାନ ଏହି ବିଲ୍‌ଡିଂ ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏଠାରେ ପ୍ରଶ୍ନ ଉଠେ, ଅନୁମତି ମିଳିନଥିବା ବିଲ୍‌ଡିଂକୁ ପରବର୍ତୀ ସମୟରେ ଅନୁମତି ଦିଆଗଲା କେମିତି ବିଲ୍‌ଡିଂ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତେ ସଂପୂର୍ଣ୍ଣ ବେଆଇନଭାବେ ଅନୁମତି ପ୍ରଦାନ କରାଯିବା ପଛର କାରଣ କ'ଣ ? ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୧୪ ତାରିଖରେ ଛେଣ୍ଡ୍ ଏକ୍ସିସ୍ ବ୍ୟାଙ୍କ୍ ପାଖ, ଜନତା ନିବାସ ଓ ମଧୁସୂଦନ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣକୁ ଆରଏମ୍‌ସି ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ଗତ ନଭେମ୍ବର ୮ ତାରିଖରେ ପାନପୋଷ କାଳୀ ମନ୍ଦିର ନିକଟରେ ବେଆଇନଭାବେ ନିର୍ମାଣାଧୀନ ଏକ ବିଲ୍‌ଡିଂରେ ନୋଟିସ ଲଗାଯାଇଥିଲା। ସମ୍ପୃକ୍ତ ବିଲ୍‌ଡିଂର ମାଲିକ ଆରଏମ୍‌ସି ପକ୍ଷରୁ ଦିଆଯାଇଥିବା ମୂଳ ପ୍ଲାନ୍‌କୁ ପରିବର୍ତନକରି ନିଜସ୍ୱ ଢାଂଚାରେ ବିଲ୍‌ଡିଂ ନିର୍ମାଣ କରୁଥିଲେ। ବାସ୍ତବରେ ନୋଟିସ୍ ଦେଇ କର୍ତୃପକ୍ଷ ଚୁପ୍ ବସିଛନ୍ତି। ଯେଉଁସବୁ ବିଲ୍ଡିଂକୁ ବେଆଇନ ଅଭିହିତ କରି କାର୍ଯ୍ୟବନ୍ଦ କରାଯାଇଥିଲା, ସେସବୁରେ ପୁନର୍ବାର ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଏହାପଛରେ ଅସଲ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ମତ ପାଉଛି। ଏନେଇ ଆରଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଭିଜିଲାନ୍ସ ହାତରେ ପଡ଼ିଲେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଡିଟର

**ଭୁବନେଶ୍ୱର(ପିପିଏସ୍):** ଶିକ୍ଷା ନିର୍ଦ୍ଦେଶାଳୟର ଅଡ଼ିଟର। ବର୍ଷ ବର୍ଷ ଧରି ଚାକିରି କଲେଣି। ସରକାରୀ ଚାକିରିର ଶେଷ ପର୍ଯ୍ୟାୟରେ। ପ୍ରାୟ ୧ଲକ୍ଷରୁ ଅଧିକ ଟଙ୍କା ଦରମା ପାଉଥିବା ନିର୍ଦ୍ଦେଶାଳୟର କର୍ମଚାରୀ କହିଛନ୍ତି। ହେଲେ ମାତ୍ର ୪ହଜାର ଟଙ୍କା ଲାଞ୍ଚ ପାଇଁ ଏକ ଲକ୍ଷ ଟଙ୍କାର ଚାକିରି ହରାଇବାକୁ ଯାଉଛନ୍ତି। ତାଙ୍କ ପରିଚୟ ଏବଂ ସାମାଜିକ ମର୍ଯ୍ୟାଦା ତ ଯାହା ଗଲା ଛାଡ। ଚାକିରି ବି ବାଜିରେ ଲାଗିଗଲାଣି। କାରଣ ୪ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଅଡ଼ିଟରଙ୍କୁ ସିଧାସଳଖ ମାଡ଼ିବସିଲା। ଏହାପରେ ତାଙ୍କ ଅଫିସ ଡ୍ରୟର ଖଙ୍ଗଳା ଯାଇଥିଲା। ସେଠାରୁ ୧ଲକ୍ଷ ୨୮ ହଜାର ଟଙ୍କା ଜବତ କରାଯାଇଥିଲା। ହିସାବ ଦେଇ ନ ପାରିବାରୁ ଭିଜିଲାନ୍ସ ଏହାକୁ ଲାଞ୍ଚ ଟଙ୍କା ବୋଲି ଅନୁମାନ କରି ଜବତ କରିଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସ ଅନୁସନ୍ଧାନ ଜାରି ରଖିଛି। ଆଗାମୀ ଦିନରେ ତାଙ୍କୁ ଗିରଫ କରାଯିବା ସହ ତାଙ୍କୁ ଚାକିରିରୁ ବିତାଡ଼ିତ କରିବାକୁ ଭିଜିଲାନ୍ସ ଚିଠି ଲେଖିବ ବୋଲି କୁହାଯାଇଛି। ଭିଜିଲାନ୍ସ ସୂଚନା ମୁତାବକ, ଅମ୍ବିକା ପ୍ରସାଦ ରଥ ଭୁବନେଶ୍ୱରୟ ସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଡ଼ିଟର ଭାବେ କାମ କରୁଥିଲେ। ଖୋର୍ଦ୍ଧା ଜିଲ୍ଲା ଡିଗ୍ରୀ କଲେଜରେ ଜଣେ ଷ୍ଟାଫ୍ କାମରେ ଏହି କାର୍ଯ୍ୟାଳୟକୁ ଆସିଥିଲେ। ଏମ୍ଏସିପି ପାଣ୍ଠିରୁ ଟଙ୍କା ପାଇବା ପାଇଁ ଆବେଦନ କରିଥିଲେ। ହେଲେ ଅଭିଯୋଗକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଅଡିଟର ହଇରାଣ କରୁଥିଲେ। ଶେଷରେ କାମ କରାଇବାକୁ ୪ ହଜାର ଟଙ୍କା ମାଗିଥିଲେ। ଏହାପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଭିଜିଲାନ୍ସ ତାଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହି ଟିମ୍ ଅଭିଯୋଗକାରୀଙ୍କୁ କେମିକାଲ ମିଶା ଯାଇଥିବା ନୋଟ୍ ଦେଇଥିଲା। ଅଭିଯୋଗକାରୀ ଏହି ନୋଟ୍ ନେଇ ଲାଞ୍ଚ ଟଙ୍କା ଦେବାକୁ ଯାଇଥିଲା। ଅଡିଟର ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ିବସିଥିଲେ। ଏହାପରେ ତାଙ୍କ ବିଭିନ୍ନ ଠିକଣା ଉପରେ ରେଡ୍ ଜାରି ରହିଛି। ଆଗମୀ ଦିନରେ ଗିରଫ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ରୋଷେୟାର ତଣ୍ଟିକାଟି ବନ୍ଧାହେଲା ସହାୟକ

**ଭୁବନେଶ୍ୱର(ପିପିଏସ୍):** ଦୁଇ ଜଣ ଗୋଟିଏ ହୋଟେଲରେ କାମ କରିବା ସହ ଗୋଟିଏ ଘରେ ରହୁଥିଲେ। ହେଲେ ଟଙ୍କା ଭାଗ ବଣ୍ଟାକୁ ନେଇ ହୋଇଥିବା ବଚ୍‌ସା ସବୁକିଛିକୁ ପଛରେ ପକାଇ ଦେଇଥିଲା। କ୍ରୋଧିତ ହୋଇ ରୋଷେୟାର ତଣ୍ଟି କାଟି ଦେଲା ହେଲପର୍। ପଟିଆ କଲେଜ ରୋଡରେ ଏଭଳି ଘଟଣା ଘଟିଛି। ରୋଷେୟା ଆଶିଷ ମହାନ୍ତିଙ୍କ ତଣ୍ଟିରେ ଗଭୀର ଆଘାତ ଲାଗିଛି। ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେପଟେ ଏଭଳି କାଣ୍ଡ ଭିଆଇଥିବା ହେଲପରକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଟିଆ ଭୋଇ ସାହିର କେ ଲବ ରାଓ (୨୧)। ପୁଲିସ ସୂଚନାନୁଯାୟୀ, ପ୍ରଶାନ୍ତ ପାଉଁଆଙ୍କର ଇନଫୋସିଟି ଥାନା ଅଞ୍ଚଳରେ ଏକ ଚକୁଳି ଟିଫିନ ଦୋକାନ ରହିଛି। ପ୍ରାୟ ୪ ବର୍ଷ ହେବ ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ଆଶିଷ ସେଠାରେ ରୋଷେୟା ଓ ଲବ ସହାୟକ ଭାବେ କାମ କରୁଥିଲେ। ସବୁଦିନ ଭଳି ଗତକାଲି ରାତି ୧୨ଟାରେ ଉଭୟ ଦୋକାନ ବନ୍ଦ କରି ଖାଇବା ଖାଇ ପଟିଆ କଲେଜ ରୋଡ ସ୍ଥିତ ଭଡ଼ାଘରକୁ ଯାଇଥିଲେ। ସେଠାରେ ଟଙ୍କା ଭାଗ ବଣ୍ଟାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବଚ୍‌ସା ହୋଇଥିଲା। ବଚ୍‌ସା ଧିରେ ଧିରେ ଉଗ୍ରରୂପ ନେବା ସହ ଦୁଇ ଜଣ ହାତାହାତି ହୋଇଥିଲେ। ଲବ ହଠାତ୍ ଆଶିଷଙ୍କୁ ମାଡ଼ି ବସି ପରିବା କଟା ଛୁରିରେ ତଣ୍ଟିକୁ କାଟି ଦେଇଥିଲା। ଆଶିଷ ଛଟପଟ ହୋଇ ବର୍ତ୍ତି ଯିବାକୁ ଉଦ୍ୟମ କରୁଥିବା ବେଳେ ଲବ ତଣ୍ଟି କାଟି ଚାଲିଥିଲା। ଲବ ରାତି ପ୍ରାୟ ୧ଟା ୩୦ ସମୟରେ ମାଲିକ ପ୍ରଶାନ୍ତଙ୍କୁ ଫୋନ୍ କରି ଆଶିଷଙ୍କ ଆକ୍ରମଣ କରିଥିବା କହିଥିଲା। ପ୍ରଶାନ୍ତ ସାଙ୍ଗେ ସାଙ୍ଗେ ଭଡ଼ା ଘରକୁ ଯାଇ ପହଞ୍ଚିବା ବେଳକୁ ଆଶିଷ ରକ୍ତାକ୍ତ ଅବସ୍ଥାରେ ଭୂମିରେ ପଡ଼ିଥିବା ଦେଖିଥିଲେ। ପ୍ରଶାନ୍ତଙ୍କୁ ଦେଖି ଲବ ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାକୁ କାବୁ କରିଥିଲେ। ଆଶିଷଙ୍କୁ ହସ୍ପିଟାଲକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଥିଲା। ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଲବଙ୍କୁ ଅଟକ ରଖି ପଚରାଉଚରା କରିଛି। ସାମାନ୍ୟ ୫ଟଙ୍କାକୁ କେନ୍ଦ୍ର କରି ଆକ୍ରମଣ କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଲବ ଠାରୁ ଛୁରି ଜବତ କରିବା ସହ ତା'କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୭ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ୨ ଗିରଫ



**ଭୁବନେଶ୍ୱର(ପିପିଏସ୍):** ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଚିଜୋରଭଳା ବସ୍ତିର ଦିଲ୍ଲୀପ ଶେଖର ସାହୁ ଏବଂ ରାକେଶ ସାହୁ। ଏମାନଙ୍କ ଠାରୁ ୭୦ ଗ୍ରାମ୍‌ର ବ୍ରାଉନସୁଗର ଜବତ କରାଯାଇଛି। ଯାହାର ଅନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହା ସହ ଏକ୍ ପଲସର ବାଇକ୍ ମଧ୍ୟ ଜବତ ହୋଇଛି। ଅବକାରୀ ଉପରି ସୁପରିନ୍‌ଟେଣ୍ଡେଣ୍ଟ ରାଜଶେଖର ସାହୁଙ୍କ ସୂଚନା ମୁତାବକ ସେମାନେ ଇନ୍‌ଫୋସିଟି ଥାନା ଅଞ୍ଚଳ ବସ୍ତିଗୁଡ଼ିକରେ କିଛିଦିନ ହେବ ବ୍ରାଉନସୁଗର ବ୍ୟବସାୟ ଚଳାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ସେମାନଙ୍କୁ ଧରିବାକୁ ଅବକାରୀ ବିଭାଗ ପକ୍ଷରୁ ଏକ ସତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ତେବେ ଅଭିଯୁକ୍ତମାନେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି କିମ୍ବା ଛିଡା ହେଉ ନଥିଲେ। ବାଇକ୍‌ରେ ବୁଲି ବୁଲି ବ୍ୟବସାୟ କରୁଥିଲେ। ଗ୍ରାହକ ବେଶରେ ଯାଇ ଅବକାରୀ ବିଭାଗ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ପରେ ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଚୋରି ପିକଅପ୍ ସହ ଥର୍ ଉଦ୍ଧାର

**ଭୁବନେଶ୍ୱର(ପିପିଏସ୍):** ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ମାଟିକୋଟ ନିକଟରୁ ଚୋରି ହୋଇଥିବା ବୋଲେରୋ ପିକଅପ୍ ଗାଡ଼ିକୁ ଧରିବା ରେ ସଫଳ ହୋଇଛି ବାଲିଅନ୍ତା ଥାନା ପୋଲିସ। ସୂଚନା ଅନୁସାରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ କଳା ରଙ୍ଗର ଥର ଗାଡ଼ିରେ ଆସି ମାଟିକୋଟ ରାସ୍ତପାର୍ଶ୍ୱ ସିମେଣ୍ଟ ଦୋକାନ ସମ୍ମୁଖରେ ଥିବା ବୋଲେରୋ ପିକଅପ୍ ଗାଡ଼ିକୁ କୌଶଳ କ୍ରମେ ସେଠାରୁ ନେଇ ପଳାଇଥିଲେ। ସକାଳୁ ଗାଡ଼ି ମାଲିକ ନିଜ ପିକଅପ୍ ଚୋରି ହୋଇଥିବା ଜାଣି ବାଲିଅନ୍ତା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସିଟିଭି ଆଧାରରେ ବିଭିନ୍ନ ସ୍ଥାନରେ ଚଢଉ କରି ଖଣ୍ଡଗିରି ଥାନା ଯଦୁପୁର ନିକଟରୁ ଥର ଗାଡ଼ିକୁ ଜବତ କରିବା ସହ ୨ ଜଣଙ୍କୁ କାବୁ କରିଥିଲେ ଏବଂ ଅନ୍ୟ ଜଣେ ଖସି ପଳାଇଥିଲେ। ପଚ୍ରାଉଚ୍ରା ସମୟରେ ସେ ପିକଅପ୍ ଗାଡ଼ିକୁ ଏମ୍ସ ମେଡିକାଲ ପଛପଟେ ରଖିଥିବା ମାନିଥିଲେ। ପୋଲିସ ଏମ୍ସ ପଛପଟୁ ପିକଅପ୍ ଗାଡ଼ିକୁ ଥାନାକୁ ଆଣିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖି ପଚ୍ରାଉଚ୍ରା କରୁଛନ୍ତି।

# ପିଆଇବି ହାଇଦରାବାଦ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

**ଭୁବନେଶ୍ୱର(ପିପିଏସ୍):** ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ତେଲଙ୍ଗାନା ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ପ୍ରଥମ ଦିନରେ ହାଇଦ୍ରାବାଦସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସହ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପ ଓ ଅନୁଷ୍ଠାନମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ପ୍ରତ୍ୟକ୍ଷ ଅବଗତି ହାସଲ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପିଆଇବି ହାଇଦ୍ରାବାଦର ଅତିରିକ୍ତ ମହାନିର୍ଦ୍ଦେଶକଶ୍ରୁତି ପାଟିଲ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସରକାରୀ ନୀତି ଓ ଜନସାଧାରଣଙ୍କ ସଚେତନତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ଏପରି ପ୍ରେସ୍ ଟୁର୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ସାମ୍ବାଦିକମାନେ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରି ତଥ୍ୟଭିତ୍ତିକ ଓ ପ୍ରଭାବଶାଳୀ ଖବର ପରିବେଷଣ କରିପାରିବେ। ସେ ଆହୁରି କହିଥିଲେ ଯେ, ଭାରତ ସରକାର ଦକ୍ଷତା ବିକାଶ ଓ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ ଦେଇ ରାଜ୍ୟମାନଙ୍କର ସମାବେଶୀ ବିକାଶ ପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଲେଙ୍ଗାନାରେ ବହୁ ସଂଖ୍ୟକ ଓଡ଼ିଆ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବାରୁ ଦୁଇ ଅଞ୍ଚଳ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ।

# ପ୍ରସ୍ତୁତି ଶେଷ, ଆଜି ଗଡ଼ିବ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ



**ଭୁବନେଶ୍ୱର(ପିପିଏସ୍):** ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ପଡ଼ିଲାଣି ଏକାମ୍ର କ୍ଷେତ୍ର। ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରଥ ପାର୍ଶ୍ୱର ଅନ୍ୟ ସମସ୍ତ କାମ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ପାଇଁ ଘରେ ଘରେ କୁଣିଆ ଭର୍ତ୍ତି ହେବା ସହ ବିଭିନ୍ନ ଧର୍ମଶାଳା ସମେତ ମଠ ମାନଙ୍କରେ ଦୂର ଦୂରାନ୍ତରୁ ଲୋକମାନେ ଆସି ଆସ୍ଥାନ ଜମେଇଲେଣି। ଏବେଠାରୁ ମଧ ପୁରୁଣା ଭୁବନେଶ୍ୱରର ରାସ୍ତା, ଗଳି ଭାଡ଼ ଦେଖିବାକୁ ମିଳିଛି। କଥାରେ ଅଛି ବିଶ୍ୱାସେ ମିଳଇ ହରି ଠିକ୍ ଏହି କଥା ପରି ଅନେକ ଦମ୍ପତି ବିଜ୍ଞାନ ପାଖରୁ ମୁହଁ ଫେରାଇବା ପରେ ବିଶ୍ୱାସ ଉପରେ ନିର୍ଭର କରନ୍ତି। ଆଉ ଏହି ବିଶ୍ୱାସ ସେମାନଙ୍କ ମୁହଁରେ ହସ ଖେଳାଇଥାଏ। ବର୍ଷେ ଦୁଇ ବର୍ଷର ନୁହେଁ କେଉଁ କାଳରୁ ଏହି କଥା ଜନମାନସରେ ରହି ଆସିଛି। ମୁକ୍ତେଶ୍ୱର ମନ୍ଦିର ନିକଟରେ ଥିବା ମରିଚି କୁଣ୍ଡ ଜଳରେ ସାନ୍ନ କରିଲେ ସନ୍ତାନ ପ୍ରାପ୍ତି ହୋଇଥାଏ। ରୁକୁଣା ରଥଯାତ୍ରା ସମୟରେ ନେତ୍ରୋତ୍ସବ ଦିନ ବର୍ଷକୁ ଥରେ ମରିଚି କୁଣ୍ଡ ଖୋଲାଯାଇଥାଏ। ଏହି ଜଳର ଏକ ବିଶେଷ ମହତ୍ତ୍ୱ ରହିଛି। ଯେଉଁ ଦମ୍ପତିଙ୍କର ସନ୍ତାନ ସନ୍ତତି ନହେଉ ଥିବ ଏହି ମରିଚି କୁଣ୍ଡ ଜଳରେ ସ୍ନାନ କରିଲେ ସେମାନଙ୍କୁ ସନ୍ତାନ ପ୍ରାପ୍ତ ହୋଇଥାଏ। ଏଥିପାଇଁ ଏହି ରଥଯାତ୍ରାର ପୂର୍ବଦିନ ବହୁତ ଦୂର ଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁଙ୍କ ସମେତ ନିଃସନ୍ତାନ ଦମ୍ପତି ପୁରୁଣା ଭୁବନେଶ୍ୱରକୁ ଆସିଥାନ୍ତି। ରଥ ପ୍ରତିଷ୍ଠା ପାଇଁ ପ୍ରଥମ ଗରା ଜଳ ଗଲା ପରେ ଅନ୍ୟ ଗରା ଜଳକୁ ନିଲାମ ଡ଼କାଯାଇଥାଏ।

ପୂର୍ବରୁ ଏହି ମରିଚି କୁଣ୍ଡ ଜଳକୁ ଲକ୍ଷ, ଲକ୍ଷ ଟଙ୍କାରେ ନିଲାମ କରାଯାଉଥିଲା ହେଲେ ଏବେ ଏହି ଦର ଅନେକାଂଶରେ କମି ଯାଇଛି। ବର୍ତ୍ତମାନ ୨୦ ହଜାର ୩୦ ହଜାର ଟଙ୍କାରେ ଏହି ମରିଚି କୁଣ୍ଡ ଜଳ ନିଲାମ ହେଉଅଛି। ପ୍ରତି ବର୍ଷ ୫୦ ରୁ ଅଧିକ ଦମ୍ପତି ଏହି ପାଣିକୁ କିଣିବା ପାଇଁ ଆସିଥାନ୍ତି। ଗତ ବର୍ଷ ଏହି ଜଳକୁ ଦାମୋଦରପୁର ଜିତେନ୍ଦ୍ର ମହରଣା ଓ ଜ୍ୟୋସ୍ନାମୟୀ ମହାରଣା ୨୧ହଜାର ଟଙ୍କାରେ ଏହି ଜଳକୁ ନିଲାମ କରି ନେଇଥିଲେ। ଏନେଇ ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି ୨୦୧୦ କିମ୍ବା ୨୦୧୧ ମସିହାରେ ଏହି ଜଳ ୨.୫ ଲକ୍ଷ ରୁ ୩ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ଯେଉଁମାନେ ଏହି ଜଳକୁ ନିଅନ୍ତି ମନସ୍କାମନା ପୂର୍ଣ୍ଣ ହେବା ପରେ ଲିଙ୍ଗାରଜଙ୍କ ପାଖକୁ ଆସି ସନ୍ତାନର ମୁଣ୍ଡନ କରି ଭୋଗ କରିଥାନ୍ତି ବୋଲି ସେ କହିଛନ୍ତି। ଲୋକକଥା ଅନୁସାରେ ଏକାମ୍ରକ୍ଷେତ୍ରରେ ଉପଦ୍ରବ କରୁଥିବା ଦୁଇ ଅଜେୟ ଦୈତ୍ୟ, କୀର୍ତ୍ତି ଓ ବାସଙ୍କୁ ଦେବୀ ପାର୍ବତୀ ଗୋପାଲୁଣୀ ସ୍ୱରୂପରେ ରସାତଳଗାମୀ କରି ନିପାତ କରିବା ପରେ ଲୋକମୁଖରେ ତାଙ୍କର ଏକମାତ୍ର ପତ୍ନୀ ଯିଏ ମରୀଚି ନାମରେ ଜଣାଯାଆନ୍ତି ସେ ଶିବଙ୍କୁ ପ୍ରାର୍ଥନା କରି ଏହି ପବିତ୍ର କୁଣ୍ଡର ଜଳ ପାନ କରି ନିଃସନ୍ତାନ ଦୋଷରୁ ମୁକ୍ତି ପାଇଥିଲେ। ତେଣୁ ସେହି କୁଣ୍ଡ 'ମରୀଚି କୁଣ୍ଡ' ନାମରେ ପ୍ରସିଦ୍ଧ। ଏହି କୁଣ୍ଡର ଜଳ ଗ୍ରହଣ କରିବା ଦ୍ୱାରା ଗର୍ଭ ଓ ପ୍ରସୂତି ଜନିତ ସମସ୍ୟା ସହ ଶାସ୍ତ୍ରବର୍ଣ୍ଣିତ ଛଅ ପ୍ରକାର ଶାରୀରିକ ବନ୍ଧ୍ୟା ଦୋଷ (କାକବନ୍ଧ୍ୟା, ଅନପତ୍ୟ, ଗର୍ଭସ୍ରାବୀ, ମୃତବତ୍ସା, ବାଳକ୍ଷୟ, ବାଲ୍ୟାବସ୍ଥା) ନିବାରଣ ହେଉଥିବାର ପ୍ରଖ୍ୟାତ ବିଶ୍ୱାସ ରହିଆସିଛି। ଏହି କୁଣ୍ଡ ଭୁବନେଶ୍ୱରର କେଦାରଗୌରୀ ମନ୍ଦିର ପାର୍ଶ୍ୱବର୍ତ୍ତୀ ସିଦ୍ଧେଶ୍ୱର ମୁକ୍ତେଶ୍ୱର ପ୍ରାଙ୍ଗଣରେ ଥିବା ବୃତ୍ତାକାର କୂପ। ଚତୁଃପାର୍ଶ୍ୱ ବାଲିଆ ପଥରର ପରିଧି ଦ୍ୱାରା ଆବଦ୍ଧ ଓ ସମ୍ମୁଖ ମୁଖଶାଳା ଏକ ସୁବିନ୍ୟସ୍ତ ଓ ଅଳଙ୍କୃତ ତୋରଣ ଯାହାର ଉପର ଭାଗରେ ପ୍ରଖ୍ୟାତ ପାଶୁପତ (ଶୈବ ପନ୍ଥାର ପ୍ରାଚୀନ ସାଧକ ଓ ଧର୍ମପ୍ରଚାରକ) ଧର୍ମର ସନ୍ଥ, ଲକୁଲୀଶଙ୍କ ମୂର୍ତ୍ତି ରହିଛି। ଏହି ଭାସ୍କର୍ଯ୍ୟରୁ ଏହାର କାଳଖଣ୍ଡ ପ୍ରାୟ ନବମ-ଦଶମ ଶତାବ୍ଦୀ ମଧ୍ୟ କାଳରେ ବୋଲି ନିରୂପିତ କରାଯାଏ।

# ଏସ୍‌ଟିଏସ୍‌ସି ବିକାଶ ଅର୍ଥ ନିଗମ ଅଧ୍ୟକ୍ଷଙ୍କ ବାଲିପାଟଣା ଗସ୍ତ



**ଭୁବନେଶ୍ୱର(ପିପିଏସ୍):** ରାଜ୍ୟ ଏସସିଏସଟି ବିକାଶ ଅର୍ଥ ନିଗମର ଅଧକ୍ଷ ଆଶିଷ କୁମାର ମହାନ୍ତି ବାଲିପାଟଣା ଗ୍ରସ୍ତ କରି ବ୍ଲକ କାର୍ଯ୍ୟାଳୟରେ ଏହି ଅଞ୍ଚଳରେ ଆଦିବାସୀ ହରିଜନଙ୍କ ପାଇଁ ହେଉଥିବା ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ବିଇଓ ପ୍ରଭାତ କୁମାର ରଥ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ଅଞ୍ଚଳ ବୁଲି ପ୍ରତ୍ୟକ୍ଷ ଅବସ୍ଥା ଅନୁଧାନ କରି ଅସମ୍ପୂର୍ଣ୍ଣ କାର୍ଯ୍ୟର ତୁରନ୍ତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ପ୍ରଥମେ ସେ ବୁଦ୍ଧନାଥ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲ ପରିଦର୍ଶନ କରି ସେଠାରେ ଛାତ୍ରୀମାନଙ୍କ ସୁବିଧା ପାଇଁ ଆନୁଷଙ୍ଗିକ ବିକାଶ କରିବାକୁ ଆର୍ଥିକ ମଞ୍ଜୁରୀ ଦେବାକୁ ବିଭାଗୀୟ ଅଧିକାରୀ ପ୍ରସ୍ତାବ ଦେବାକୁ କହିଥିଲେ। ତପ୍ରରେ ଭାକର ସାହିସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସର ନିର୍ମାଣ କାର୍ଯ୍ୟ ସମାପ୍ତ କରି ପିଲାମାନେ ରହିବାର ତୁରନ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସେଠାରୁ ପମ୍ପାଲୋ ଆସି ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଥିଲେ। ପମ୍ପାଲୋ ପଞ୍ଚାୟତର ଲାଇଟ୍ ଲଗାଇବାରେ ଅନିୟମିତତା ଓ ଅନ୍ୟ କାର୍ଯ୍ୟ ଉପରେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଏବଂ ବିଡିଓଙ୍କୁ ତୁରନ୍ତ ପମ୍ପାଲୋ ପଞ୍ଚାୟତ ଅନୁଧାନ କରିବାକୁ କହିଥିଲେ। ଅଧକ୍ଷଙ୍କୁ ବିଭାଗୀୟ ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଇଥିଲେ। ସମିତି ସଭ୍ୟ ଶୈଳେନ୍ଦ୍ର କୁମାର ଭୋଳ, ଯୁବ ନେତା ସୁକାନ୍ତ ଦାଶ, ଦିଲ୍ଲୀପ ସ୍ୱାଇଁ,ରମେଶ ରଥ, ସମାଜସେବୀ ଟୁବୁଲା ଭୋଇ ପ୍ରମୁଖ ଅଞ୍ଚଳର ବିକାଶ ପାଇଁ ଅଧକ୍ଷଙ୍କ ସହଯୋଗ କାମନା କରିଥିଲେ।

# ପିଲାର୍‌ରୁ ଲୁହାଛଡ଼ ଚୋରି; ୨ ଗିରଫ

**ଭୁବନେଶ୍ୱର(ପିପିଏସ୍):** ନିର୍ମାଣାଧୀନ କୋଠାରୁ କଂକ୍ରିଟ ପିଲାର୍‌ର ଲୁହାଛଡ଼ ଫ୍ରେମ୍ ଚୋରି କରିବା ଅଭିଯୋଗରେ ଦିଲ୍ଲୀପ ସେଠୀଙ୍କ ଲିଖିତ ରିପୋର୍ଟ ଆଧାରରେ ପାହାଳ ଥାନା ପୁଲିସ ଦୁଇ ଅଭିଯୁକ୍ତ ଜଗନ୍ନାଥପୁର ଗ୍ରାମର ବିଶାଳ ରାଉତ(୨୭) ଓରଫ ରାଜା ଏବଂ କଟକ ସଦର ଥାନା ଗୁଆଳି ଗ୍ରାମର ରୋହିତ ସିଂହ (୧୯) ଓରଫ ବବୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଦିଲ୍ଲୀପ ଙ୍କର ଜଗନ୍ନାଥପୁର ଗ୍ରାମରେ ମୋଟ ୬୦ ଡିସିମିଲ ପରିମାଣର ଦୁଇଟି ପ୍ଲଟ ରହିଛି। ସେହି ପ୍ଲଟ ଦୁଇଟିରେ ସେ ପାଚେରୀ ନିର୍ମାଣ କରିବା ଲାଗି ୧୩ ଟି କଂକ୍ରିଟ ପିଲାର ସ୍ଥାପନ କରିଥିଲେ। କିନ୍ତୁ ସନ୍ଧ୍ୟା ହୋଇଯିବାରୁ କଂକ୍ରିଟ କାମ ବନ୍ଦ କରିଦିଆଯାଇଥିଲା। ଫଳରେ ଚାରିଟି ପିଲାରର କଂକ୍ରିଟ୍ କାମ ଭଲଭାବେ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏହାର ସୁଯୋଗ ନେଇ ଅଜଣା ଦୁର୍ବୃତ୍ତମାନେ କାମ ଅଧା ରହିଥିବା ପିଲାରରୁ ଲୁହା ଛଡ ସବୁକୁ କାଢ଼ି ନେବା ସହ ଚାରିଟି ଲୁହା ଜାଲି ପ୍ୟାନେଲକୁ ମଧ ତାଡି ନେଇଯାଇଥିଲେ। ଏନେଇ ଦିଲୀପ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ, ବିଶାଳ ଓ ରୋହିତ ପ୍ରାତଃ ସମୟରେ ଏକ ମୋଟରସାଇକେଲ ଯୋଗେ ଲୁହା ଜାଲି ପ୍ୟାନେଲ ବୋହି ଅନନ୍ତପୁରସ୍ଥିତ କବାଡିଆ ଦୋକାନ ଅଭିମୁଖେ ଯାଉଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ପାହାଳ ଥାନା ପୁଲିସ ଟିମ ଘଟଣାସ୍ଥଳରେ ଅତର୍କିତ ଚଢଉ କରି ବିଶାଳ ଏବଂ ରୋହିତଙ୍କୁ ଗିରଫ କରିଥିବା ବେଳେ, ଉଭୟଙ୍କ ହେପାଜତରୁ ଦୁଇଟି ଲୁହାଜାଲି ପ୍ୟାନେଲକୁ ଜବତ କରିଥିଲେ। ପଚ୍ରାଉଚ୍ରା ସମୟରେ ଉଭୟ ଚୋରୀ ନେଇ ନିଜ ଦୋଷ ସ୍ୱୀକାର କରିଥିଲେ। ବିଶାଳ ପୂର୍ବରୁ ସଦର ଥାନାର ଦୁଇଟି ଭିନ୍ନ ମାମଲାରେ ଜଡିତ ଥିବା ତଦନ୍ତ ସମୟରେ ଜଣାପଡିଛି।

# ଜମିବ ଲିଙ୍ଗରାଜ ମହୋତ୍ସବ; ଯୋଗଦେବେ ୭୦୦ କଳାକାର

**ଭୁବନେଶ୍ୱର(ପିପିଏସ୍):** ଚଳିତବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ପଞ୍ଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ଗୁରୁବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଚାଲିବ । ଏଥିରେ ୭୦୦ରୁ ଅଧିକ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ରୁକୁଣା ରଥଯାତ୍ରା ଉପଲକ୍ଷେ ଏହି ଲିଙ୍ଗରାଜ ମହୋତ୍ସବର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇଛନ୍ତି । ମଙ୍ଗଳବାରଦିନ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ ଓ ଶ୍ରୀ ମିଶ୍ର କହିଛନ୍ତି ଚଳିତବର୍ଷ ଅଧିକ ପଡ଼ୋଶୀ ତଥା ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ସହିତ ବୀଣାପାଣି କଳାନିକେତନ, ଉତ୍କଳ ସଙ୍ଗୀତ ମହାବିଦ÷ାଳୟ, ସତ୍ୟବାଦୀ ମହାବିଦ÷ାଳୟ, ଓଡ଼ିଶା ଚ୍ୟାନ୍ତି ଏକାଡ଼େମୀ, ତ୍ରିଧାରା, କୋଶଳ ଫୋକସ ଜ୍ୟାନ୍ତି ଏକାଡ଼େମୀ, କଳାନିକେତନ, ପୂର୍ବାଞ୍ଚଳ ସାଂସ୍କୃତିକ କଳାକେନ୍ଦ୍ର (ଇଜେଡ଼ସିସି) କୋଲକତାର ଭାରତ ନାଟ÷ମ, ପୁରୁଲିଆ ଛଉ, ଶ୍ରଦ୍ଧା କ୍ରିଏଟିଭ, ଜଟାଧାରୀ ବେହେରାଙ୍କ ପ୍ରସିଦ୍ଧ ଘୋଡ଼ାନାଚ, ଶିଞ୍ଜିକା, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ବ୍ଲୁ ଆଣ୍ଡ ବ୍ରାଇଟ୍ ଏକାଡ଼େମୀ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଦିବ୍ୟଶ୍ରୀ ଗାଙ୍ଗୁଲି, ସିଂଗମ, ନୃତ୍ୟାର୍ଚ୍ଚନା, ସ୍ୱପ୍ନରାଣି ସିହ୍ନା, ଫୁଲବାଣୀର ଧେମ୍‌ସା, ସ୍ମୃତି କଳାକେନ୍ଦ୍ର, ଅଞ୍ଚଳ ପାଣ୍ଡେ ଆଦି ୩୪ଟି ଟ୍ରୁପ୍‌ର କଳାକାରମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିବେ। ଏହି ସମସ୍ତ ୬ ଦିନିଆ ନୃତ୍ୟ କାର୍ଯ୍ୟକ୍ରମକୁ ବାସୁଦେବ ନାଥ ମଞ୍ଚ ପରିଚାଳନା କରିବେ ବୋଲି ସୂଚନା ଦେଇଛନ୍ତି । ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା ଏବଂ ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଉପସଭାପତି ଶିବାନନ୍ଦ ରାମ ଏହି ୬ ଦିନିଆ ମହୋତ୍ସବ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗମାନଙ୍କର ପ୍ରତିନିଧିମାନଙ୍କ ସମେତ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥାର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକସାମ୍ବାଦିକ ପ୍ରଦ୍ୟୁ÷ମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ମହାନଗର ନିଗମ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକତା ପ୍ରମୁଖ ସହାୟତା କରିଛନ୍ତି। ଏହି ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ବାଚସ୍ପତିଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯୋଗ ଦୋବାକୁ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଅନୁଷ୍ଠାନର ଉପସଭାପତି ଆଇନଜୀବୀ ଶିବାନନ୍ଦ ରାୟ ପ୍ରକାଶ କରିଛନ୍ତି।

# ଗ୍ରୀଷ୍ମ ମୁକାବିଲା ନେଇ ମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର(ପିପିଏସ୍):** ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଏବଂ ମାର୍ଗଦର୍ଶିକା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ବୈଠକରେ ପୌର ପ୍ରଶାସନର ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା କରିଛନ୍ତି। ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସଓପି ଅନୁଯାୟୀ କାର୍ଯ୍ୟ କରିବାକୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ନିରବଚ୍ଛିନ୍ନ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରବଳ ଗ୍ରୀଷ୍ମ ସମୟରେ ଯେପରି ଜଳ ଯୋଗାଣରେ କୌଣସି ସମସ୍ୟା ନଉପୁଜେ, ସେଥିପାଇଁ 'ୱାଟକୋ' ଏବଂ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରପାଳିକା ଓ ଏନଏସିର ନିର୍ବାହୀ ଅଧିକାରୀମାନଙ୍କୁ ସ୍ଥାନୀୟ ସ୍ତରରେ ପାନୀୟ ଜଳ କେନ୍ଦ୍ର (ଜଳଛତ୍ର), ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲ୍ଲା ସ୍ତରୀୟ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ କ୍ଷେତ୍ର ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପୌର ସଂସ୍ଥାଗୁଡ଼ିକୁ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନମ୍ବରଗୁଡ଼ିକୁ ବିଭିନ୍ନ ଯୋଗାଯୋଗ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହାଯିବା ସହ ଯେପରି ସାଧାରଣ ଜନତା ଏହାର ସୁବିଧା ପାଇପାରିବେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହିତ ଲୋକାଭିମୁଖୀ ଆଭିମୁଖ୍ୟ ଗ୍ରହଣ କରି ମନ୍ତ୍ରୀ କହିଛନ୍ତି, 'ଅଂଶୁଘାତରେ ଜଣଙ୍କର ବି ମୃତ୍ୟୁ ହେବା ଉଚିତ ନୁହେଁ। ସମସ୍ତ ଅଧିକାରୀ ସବୁ ସ୍ତରରେ ସତର୍କ ଏବଂ ତତ୍ପର ରହିବା ଆବଶ୍ୟକ'। ବୈଠକରେ ବିଭାଗର ଅତିରିକ୍ତ ସଚିବ ଏବଂ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ରାଜ୍ୟର ସମସ୍ତ ମ୍ୟୁନିସିପାଲ୍ କମିଶନର ଏବଂ ନିର୍ବାହୀ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏଥିରେ ଯୋଗ ଦେଇଥିଲେ।

# ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଭୁବନେଶ୍ୱର(ପିପିଏସ୍):** ନାବାଳକଙ୍କ ମୃତ୍ୟୁକୁ ନେଇ କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି। ଭୁଲ ଚିକିତ୍ସାକୁ ପରିବାର ପ୍ରଥମେ ଦାୟୀ କରିଥିଲେ। ନାବାଳକଙ୍କ ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରି ନ ପାରି ହୋ ହଲା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଁଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଦୁର୍ଘଟଣା ଯୋଗୁଁ ଚିକିତ୍ସିତ ହେଉଥିବା ନବାଳକ ଅଭ୍ୟନ୍ତରୀନ୍ତଣ ଭାବେ ଆହତ ଥିଲେ। ତାଙ୍କ ଖାଦ୍ୟନଳୀ ଫାଟି ଯାଇଥିବା ନେଇ ହସ୍ପିଟାଲ ପକ୍ଷରୁ ପରିବାର ଲୋକଙ୍କୁ ବୁଝାଇବା ପରେ ମାମଲା ଶାନ୍ତ ପଡ଼ିଥିଲା। ମିଳିଥିବା ସୂଚନା ମୁତାବକ, ନାବାଳକଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଜରିପଡ଼ା ଜଗନ୍ନାଥପୁର ଗ୍ରାମରେ। ସେ ପଞ୍ଚମ ଶ୍ରେଣୀରେ ପଢୁଥିଲା ବେଳେ ତାଙ୍କ ବୟସ ୧୧। ସୋମବାର ଘର ପାଖରେ ସେ ସାଇକେଲ୍ ଚଲାଉଥିଲା ବେଳେ ସାଇକେଲରୁ ଗଳି ପଡ଼ିଥିଲେ। ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ଆଶୁ ଚିକିତ୍ସା ଏବଂ ପରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା କରାଯାଉଥିଲା ବେଳେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ୨ଟି ଇଞ୍ଜେକ୍‌ସନ୍ ଦେବା ପରେ ନାବାଳକଙ୍କ ମତ୍ୟୁ ହୋଇଥିଲା। ଫଳରେ ପରିବାର ଲୋକେ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ଦାରୟୀ କରି ହୋ ହଲ୍ଲା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଏବଂ ପୁଲିସର ହସ୍ତକ୍ଷେପ ପରେ ପରିବାର ପରିସ୍ଥିତି ଶାନ୍ତ ପଡ଼ିଥିଲା।



# ଥାନା ଭିତରେ ଦୁଇଗୋଷ୍ଠୀ ଗଣ୍ଡଗୋଳ, ଛୁରାମାଡ଼

**ଭୁବନେଶ୍ୱର(ପିପିଏସ୍):** ପୁଲସକୁ ଖାତିର କରୁନାହାନ୍ତି ଅପରାଧୀ। ରାଜଧାନୀ ଏବେ କ୍ରାଇମ ସିଟି ପାଲଟିଥିବାବେଳେ ଥାନା ଭିତରେ ଗଣ୍ଡଗୋଳ କରି ଛୁରାମାଡ଼ କରିବା ଘଟଣା ଏହାର ନିଛକ ଉଦାହରଣ ପାଲଟିଛି। କମିସନରେଟ୍ ପୁଲିସ ଅଧୀନରେ ଥିବା ଚନ୍ଦକା ଥାନା ଭିତରେ ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବଚସାକୁ କେନ୍ଦ୍ର କରି ଛୁରାମାଡ଼ ହୋଇଛି। ଦାରୁଠେଙ୍ଗ ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେବା ସହ ଶେଷରେ ଥାନା ଭିତରେ ଯୋଜନାବଦ୍ଧ ଭାବେ ଛୁରାମାଡ଼ ହୋଇଥିଲା। ରକ୍ତ ଜୁଡୁବୁଡୁ ହୋଇ ପୁଲିସ ଆଗରେ ଗଡାତଡା ହେଉଥିବାର ଭିଡିଓ ଭାଇରାଲ୍ ହେବା ପରେ ଏହା ରାଜଧାନୀର ପୁଲିସ ବ୍ୟବସ୍ଥା ଏବଂ ପୁଲିସ ଉପରେ ଅସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ଜମିବାଡ଼ି ସମ୍ପତ୍ତିକୁ କେନ୍ଦ୍ରକରି ଦାରୁଠେଙ୍ଗ ଗ୍ରାମରେ ପୀତବାସ ପାଲଟାସିଂଙ୍କ ଦୁଇ ପତ୍ନୀଙ୍କର ଦୁଇ ପୁତ୍ର ରହିଛନ୍ତି। ସୌମ୍ୟ ରଞ୍ଜନ ଏବଂ ସାଗର ଉଭୟ ହେଉଛନ୍ତି ପୀତବାସଙ୍କ ଦୁଇ ପୁତ୍ର। କିନ୍ତୁ ଜମିବାଡ଼ିକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା। ଗତ ୨୦ ତାରିଖରେ ସାଗରଙ୍କ ହୋଟେଲ୍‌କୁ ଯାଇ ସୌମ୍ୟ ପାଟିତୁଣ୍ଡ କରିଥିଲା। ପରେ ଏହାକୁ କେନ୍ଦ୍ରକରି ଉଭୟ ହାତାହାତି ହୋଇଥିଲେ। ଏହା ପରେ ପୀତବାସ, ତାଙ୍କ ଦ୍ୱିତିୟ ପତ୍ନୀ ଗୀତାଞ୍ଜଳି ଏବଂ ସାଗର ଥାନାରେ ପହଞ୍ଚିଥିଲେ। ଏହି ସମୟର ସୌମ୍ୟରଞ୍ଜନ, ତାଙ୍କ ପତ୍ନୀ ଏବଂ କିଛି ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ପୁଲିସ କିଛି ପଦକ୍ଷେପ ନେବା ବା ବୁଝାସୁଝା କରିବା ପୂର୍ବରୁ ସେମାନେ ପରସ୍ପର ଆକ୍ରମଣ କରିବା ଆରମ୍ଭ କରିଥିଲେ। ଥାନା ଭିତରେ ହିଁ ଛୁରାମାଡ଼ ହୋଇଥିଲା। ସବୁଠାରୁ ବିଡ଼ମ୍ବନାର ବିଷୟ ଥିଲା ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲା। ଛୁରାମାଡ଼ରେ ଥାନାରେ ଛୁଟିଥିଲା ରକ୍ତର ସୁଅ। ଏହା ଯେ କେବଳ ଗୋଟିଏ ଅପରାଧ ତା ନୁହେଁ ଏହା ପୁଲିସ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ ନ ଥିବା ସ୍ପଷ୍ଟ ପ୍ରମାଣିତ କରୁଛି। ସେହିଭଳି ଏହି ଘଟଣାର ଘଟିବାର ମାତ୍ର କିଛି ସମୟ ମଧ୍ୟରେ ଚନ୍ଦ୍ରଶେଖପୁର ଥାନା ଅଞ୍ଚଳରେ ଥିବା ଏକ ହୋଟେଲ୍‌ରେ ରୋଷେୟା ଏବଂ ହେଲ୍‌ପର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ଶେଷରେ ହେଲ୍‌ପର୍ ରାଗି ଯାଇ ରୋଷେୟାର ବେକ କାଟି ଦେଇଥିଲା। ସେହିଭଳି ପୁଲିସର ନିଷ୍କ୍ରିୟତାର ଅନ୍ୟଏକ ପ୍ରମାଣ ହେଉଛି ଝରକା ତଡା ଗ୍ୟାଙ୍ଗର ଉତ୍ପାତ। ସୋମବାର ରାତିରେ ଏୟାରଫିଲଡ ଥାନା ଅଧୀନ ଜାମୁକୋଳି ବାରିକ ସାହିରେ ଝରକା ଭାଙ୍ଗି ଦୁର୍ବୃତ୍ତମନେ ଘର ଭିତରୁ ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏୟାରଫିଲଡ ଥାନା ଅଞ୍ଚଳରେ ଲୁଟପାଟ କରି ପୁଣି କମିସନରେଟ ପୁଲିସ ବ୍ୟବସ୍ଥା ପ୍ରତି ଖୋଲା ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏ ତ ଥିଲା ଆକ୍ରମଣ ଏବଂ ଚୋରି ଚମ୍ପଟର କଥା। କିନ୍ତୁ କମିସନରେଟ୍ ପୁଲିସର ନିଷ୍କ୍ରିୟ ପଣ ପାଇଁ ନିଶା ବେପାରୀମାନେ ମଧ ଭୁବନେଶ୍ୱର ଦେଇ ନିଶା ଚାଲାଣକୁ ଆପଣେଇ ନେଉଛନ୍ତି। ଭୁବନେଶ୍ୱର ବିମାନ ବନ୍ଦର ଦେଇ ଓଡ଼ିଶାକୁ ତଥା ପଡ଼ୋଶୀ ରାଜ୍ୟକୁ କୋଟି କୋଟି ଟଙ୍କାର ନିଶାଦ୍ରବ ଚାଲାଣ ହେଉଥିବା ବହୁ ପ୍ରମାଣ ରହିଛି।

ଏହି କ୍ରମରେ ସୋମବାର ଭୁବନେଶ୍ୱର ଏୟାରପୋର୍ଟରୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ୬ କୋଟିର ଗଞ୍ଜେଇ ଜବତ କରାଯାଇଛି। ବିଗତ ଦିନରେ ଗଞ୍ଜେଇ ସମେତ ହେରୋଇନ୍ ଭଳି ମୂଲ୍ୟବାନ ବିଦେଶୀ ନିଶା ଦ୍ରବ୍ୟ ଚାଲାଣ ବେଳେ ବିମାନବନ୍ଦରରୁ ଜବତ କରାଯାଇଥିଲା।



# ଲୋକସଭାରେ ଟ୍ରାନ୍ସଜେଣ୍ଡର ବିଲ୍ ଗୃହୀତ

ନୂଆଦିଲ୍ଲୀ: ମଙ୍ଗଳବାର ଲୋକସଭାରେ ଟ୍ରାନ୍ସଜେଣ୍ଡର ବିଲ୍ ୨୦୨୬ ବାଚନିକ ଭୋଟରେ ଗୃହୀତ ହୋଇଛି।ଏହି ବିଲ୍ ଅନୁଯାୟୀ, ଟ୍ରାନ୍ସଜେଣ୍ଡର ଚିହ୍ନଟ ପାଇଁ ମେଡିକାଲ୍ ବୋର୍ଡର ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଛି। ବିରୋଧୀ ଦଳଗୁଡ଼ିକ ଏହାକୁ ମୌଳିକ ଅଧିକାରର ଉଲ୍ଲଙ୍ଘନ କହି ବିରୋଧ କରିଥିଲେ, କିନ୍ତୁ ଶେଷରେ ଏହା ବାଚନିକ ଭୋଟ୍ରେ ଗୃହୀତ ହୋଇଛି। ଏହି ବିଲ୍ ୨୦୧୯ର ପୁରୁଣା ଆଇନରେ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ପରିବର୍ତ୍ତନ ଆଣିବାକୁ ଯାଉଛି। ସୋମବାର ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କର୍ପୋରେଟ୍ ଆଇନ (ସଂଶୋଧନ) ବିଲ୍ ୨୦୨୬କୁ ଆଗତ କରିଥିଲେ। ବିଲ୍ ଆଗତ ପରେ ଏହାକୁ ବିସ୍ତୃତ ତର୍ଜମା ନିମନ୍ତେ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ଲିମିଟେଡ୍ ଲାଏବିଲିଟି ପାର୍ଟନରସିପ୍ ଆଇନ ୨୦୦୮ ଓ କମ୍ପାନୀ ଆଇନ ୨୦୧୩ ସଂଶୋଧନ କରିବା ଲାଗି ଏହି ନୂଆ ବିଲ୍ ଆଗତ କରାଯାଇଛି। ଏହି ବିଲ୍ର ଉଦ୍ଦେଶ୍ୟ ହେଉଛି ବ୍ୟାବସାୟିକ ନିୟମକୁ ସହଜ କରିବା ଏବଂ କମ୍ପାନୀ ଆଇନର କିଛି ଛୋଟ ଅପରାଧକୁ ଅପରାଧ ଶ୍ରେଣୀରୁ ବାଦ୍ ଦେବା।

# ସଂସଦରେ ଏକ 'ମଜାକ' ପଲଟିଛନ୍ତି ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ: ପଶ୍ଚିମ ଏସିଆ ସଙ୍କଟ ଉପରେ ବୁଧବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଡକାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଶିବସେନା ନେତ୍ରୀ ମନୀଷା କାୟାଣ୍ଡେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ସହ ସେ ଏବେ ସଂସଦ ଭିତରେ ଓ ବାହାରେ ଏକ 'ମଜାକ' ପାଲଟିଛନ୍ତି ବୋଲି କାୟାଣ୍ଡେ ବ୍ୟଙ୍ଗାତ୍ମକ ଭାବେ କହିଛନ୍ତି। ଏଥିସହିତ ସମାନ ନାଗରିକ ସଂହିତା (ୟୁସିସି) ପ୍ରସଙ୍ଗରେ ଦଳର ସ୍ପଷ୍ଟ ମତ ରଖି ସେ କହିଛନ୍ତି ଯେ ଧାରା ୩୭୦ ଉଚ୍ଛେଦ ଓ ରାମ ମନ୍ଦିର ନିର୍ମାଣ ପରେ ଏବେ ଦେଶ ତଥା ମହାରାଷ୍ଟ୍ରରେ ୟୁସିସି ଲାଗୁ କରିବା ସମୟର ଆବଶ୍ୟକତା ଏବଂ ଏହି ପ୍ରସଙ୍ଗରେ ଶିବସେନା ସମ୍ପୂର୍ଣ୍ଣ ଭାବେ ବିଜେପି ସହ ଛିଡ଼ା ହୋଇଛି। ବୈଠକରେ ରାହୁଲଙ୍କ ଅନୁପସ୍ଥିତିକୁ ଦାୟିତ୍ୱହୀନ ରାଜନୈତିକ ମନୋଭାବ ବୋଲି ଦର୍ଶାଇ କାୟାଣ୍ଡେ କହିଛନ୍ତି ଯେ ବିଶ୍ୱସ୍ତରୀୟ ସମ୍ବେଦନଶୀଳ ମୁହୂର୍ତ୍ତରେ ବିରୋଧୀ ଦଳର ନେତା ପରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସେ ଏହାକୁ ଗମ୍ଭୀରତାର ସହ ନେଉନାହାଁନ୍ତି। ରାହୁଲ କେତେବେଳେ ବିଦେଶ ଉଡ଼ିଯିବେ ତାହାର କୌଣସି ନିଶ୍ଚିତତା ନାହିଁ ଏବଂ ସେ ସବୁବେଳେ ତଥ୍ୟହୀନ କଥା କହି ନିଜ ବକ୍ତବ୍ୟର ଗମ୍ଭୀରତା ହ୍ରାସ କରୁଛନ୍ତି।

# ପାକିସ୍ତାନ ଜାହାଜକୁ ହର୍ମୁଜ ପ୍ରଣାଳିରେ ଅଟକାଇ ଫେରାଇଦେଲା ଇରାନ

ତେହେରାନ/ଇସଲାମାବାଦ : ପାକିସ୍ତାନ ଅଭିମୁଖେ ଯାଉଥିବା ଏକ ମାଲବାହୀ ଜାହାଜକୁ ହର୍ମୁଜ ପ୍ରଣାଳୀରେ ଅଟକାଇ ଇରାନ ଏକ ଶକ୍ତ ଧକ୍କା ଦେଇଛି। ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ''ଶି-ଲେନ୍'' ନାମକ ଏହି କଣ୍ଟେନର ଜାହାଜଟି ଆବଶ୍ୟକୀୟ ଆଇନଗତ ଅନୁମତି ଓ ପ୍ରୋଟୋକଲ୍ ପାଳନ କରିନଥିବାରୁ ଏହାକୁ ସୀମାରୁ ଫେରାଇ ଦିଆଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସରୁ ପାକିସ୍ତାନର କରାଚୀ ଅଭିମୁଖେ ଯାଉଥିବା ଏହି ଜାହାଜକୁ ପ୍ରତିହତ କରାଯିବା ଫଳରେ ଦୁଇ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆଇଆରଜିସି କମାଣ୍ଡର ଆଲିରେଜା ତାଙ୍ଗସିରିଙ୍କ କହିବା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ ପାଇଁ ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ସହ ପୂର୍ଣ୍ଣ ସମନ୍ୱୟ ରକ୍ଷା କରିବା ଜରୁରୀ। ଶି-ଲେନ୍ ଜାହାଜଟି ଏହି ନିୟମ ଉଲ୍ଲଂଘନ କରିଥିବାରୁ ଏହାକୁ ପ୍ରଣାଳୀ ପାର ହେବାକୁ ଅନୁମତି ଦିଆଯାଇନଥିଲା। ସେଣ୍ଟ କିଟ୍ସ ଏବଂ ନେଭିସର ପତାକା ତଳେ ଯାତ୍ରା କରୁଥିବା ଏହି ୬,୮୫୦ ଟନ୍ର ଜାହାଜଟିକୁ ଇରାନୀ ନୌସେନା ବାଧ୍ୟ କରି ପଛକୁ ଫେରାଇ ଦେଇଛି। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ପାକିସ୍ତାନ, ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଛି। ଜାହାଜକୁ ଫେରାଇ ଦେବା ଇରାନର ଏକ କଠୋର ଆଭିମୁଖ୍ୟ ବୋଲି ବିଚାର କରାଯାଉଛି। ଏହା ବ୍ୟତୀତ, ଇରାନ ଏବେ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ପ୍ରାୟ ୨ ମିଲିୟନ ଡଲାର ପର୍ଯ୍ୟନ୍ତ ''ଟ୍ରାଞ୍ଜିଟ୍ ଫି'' ବା ଟୋଲ୍ ଆଦାୟ କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ଯେଉଁ ଜାହାଜଗୁଡ଼ିକ ଏହି ଦେୟ ପ୍ରଦାନ କରୁନାହାଁନ୍ତି, ସେମାନଙ୍କ ସୁରକ୍ଷା ନେଇ ଇରାନ କୌଣସି ଗ୍ୟାରେଣ୍ଟି ଦେଉନାହିଁ।

# 'ମେଟା' ଉପରେ ୩୧ ଶହ କୋଟିର ଜରିମାନା




ନୂଆଦିଲ୍ଲୀ ; ମେଟାକୁ ବଡ଼ ଝଟକା । ୩୧ ଶହ କୋଟିର ଫାଇନ ଗଣିବ ମେଟା । ପିଲାଙ୍କ ପାଇଁ ଫେସବୁକ୍-ଇନଷ୍ଟାଗ୍ରାମ ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ଜରିମାନା ଲଗାଇନ୍ତି କୋର୍ଟ । ଆମେରିକାର ନ୍ୟୁ ମେକ୍ସିକୋ କୋର୍ଟ ମେଟାକୁ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ଏବଂ ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶିଶୁ ଯୌନ ନିର୍ଯାତନା ଧମକକୁ ଲୁଚାଇବା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ପ୍ରାୟ ୭ ସପ୍ତାହର ବିଚାର ପରେ ଆସିଥିବା ଏହି ରାୟକୁ ଟେକ୍ କମ୍ପାନୀଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନର ବର୍ଦ୍ଧିତ ଧାରା ଭାବରେ ଦେଖାଯାଉଛି । ଫେସବୁକ୍, ଇନଷ୍ଟାଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ପରିଚାଳନା କରୁଥିବା ମେଟା ସୁରକ୍ଷା ଅପେକ୍ଷା ଲାଭକୁ ପ୍ରାଥମିକତା ଦେଇଛି ଏବଂ ରାଜ୍ୟର ଅନଫେୟାର ପ୍ରାକ୍ଟିସ୍ ଆକ୍ଟର ଉଲ୍ଲଂଘନ କରିଛି ବୋଲି ଖଣ୍ଡପୀଠ କହିଛନ୍ତି । କମ୍ପାନୀ ପିଲାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ପ୍ଲାଟଫର୍ମର ବିପଦ ବିଷୟରେ ଭ୍ରାମକ ଦାବି କରିଛି ବୋଲି ବିଚାରକ ମଣ୍ଡଳୀ କହିଛନ୍ତି ।ପ୍ରତ୍ୟେକ ଉଲ୍ଲଂଘନକୁ ପୃଥକ ଭାବରେ ବିଚାର କରି କୋର୍ଟ ମୋଟ ୩୭୫ ନିୟୁତ ଡଲାର (୩୫,୨୦୦କୋଟି ଟଙ୍କା) ଜରିମାନା ଲଗାଇଛନ୍ତି । ଏହି ପରିମାଣ ପ୍ରସିକ୍ୟୁସନର ଅନୁରୋଧ ଅପେକ୍ଷା ଯଥେଷ୍ଟ କମ୍ ବୋଲି ବିଚାରକ ମଣ୍ଡଳୀ କହିଛନ୍ତି।। କୋର୍ଟ ସ୍ୱୀକାର କରିଛନ୍ତି ଯେ, ମେଟାର ପ୍ଲାଟଫର୍ମ ଯୋଗୁ ହଜାର ହଜାର ପିଲା ପ୍ରଭାବିତ ହୋଇଛନ୍ତି । ରାୟ ପରେ ମେଟାର ସେୟାର ପ୍ରାୟ ୫% ବୃଦ୍ଧି ପାଇଛି । ମେଟାର ସେବାଗୁଡ଼ିକୁ ସାର୍ବଜନୀନ କ୍ଷତି ବୋଲି ବିବେଚନା କରାଯିବ କି ନାହିଁ ଏବଂ କମ୍ପାନିକୁ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଦେୟ ଦେବାକୁ ପଡିବ କି ନାହିଁ ତାହା ବିଚାରପତିଙ୍କ ଉପରେ ନିର୍ଭର କରିବ। ମେଟା ଘୋଷଣା କରିଛି, ଆମେ ରାୟ ବିରୋଧରେ ଆବେଦନ କରିବୁ । କମ୍ପାନି କହିଛି, ଆମେ ସୁରକ୍ଷାକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ ।

# ସମୁଦ୍ର ମଝିରେ ଗର୍ଜିଲା ଭାରତୀୟ ଯୁଦ୍ଧପୋତ




ନୂଆଦିଲ୍ଲୀ : ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏବେ ବିଶ୍ୱର ନଜର ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଉପରେ । ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ଉତ୍ତେଜନା ଲାଗି ରହିଥିବା ବେଳେ ଭାରତୀୟ ନୌସେନା ନିଜର ସାହସିକତା ଓ ରଣନୀତି ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଛି । ବିଶ୍ୱର ଏହି 'ଲାଇଫ୍ ଲାଇନ୍'ରେ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ସୁରକ୍ଷିତ ବାହାର କରିବା ପାଇଁ ଭାରତୀୟ ନୌସେନା ଏବେ ଢାଲ ସାଜି ଛିଡ଼ା ହୋଇଛି । ଇରାନ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ ଅନେକ ଦେଶର ଜାହାଜ ହୋର୍ମୁଜ ପ୍ରଣାଳୀରେ ଫସି ରହିଛନ୍ତି । କିନ୍ତୁ ଭାରତ ପାଇଁ ଆଶ୍ୱସ୍ତିର ଖବର ହେଉଛି ଯେ, ଭାରତୀୟ ଜାହାଜଗୁଡ଼ିକୁ ଏହି ରୁଟ୍ ଦେଇ ଯିବାକୁ ଅନୁମତି ମିଳୁଛି । ଭାରତୀୟ ନୌସେନାର ଯୁଦ୍ଧପୋତଗୁଡ଼ିକ ଏହି ଟ୍ୟାଙ୍କରଗୁଡ଼ିକୁ କେବଳ ପହରା ଦେଉନାହାଁନ୍ତି, ବରଂ ସୁରକ୍ଷିତ ଭାବେ ପାର୍ସିଆନ ଗଲ୍ଫରୁ ବାହାର କରିବା ପାଇଁ ପର୍ଯ୍ୟାୟ-କ୍ରମେ ଗାଇଡ୍ ମଧ କରୁଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ନିଜର କାର୍ଯ୍ୟକ୍ଷେତ୍ରକୁ ଓମାନ ଉପସାଗର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛି । ଅତ୍ୟାଧୁନିକ ଡେଷ୍ଟ୍ରୋୟର ଏବଂ ଫ୍ରିଗେଟ୍ ଜାହାଜ-ଗୁଡ଼ିକୁ ସେଠାରେ ମୁତୟନ କରାଯାଇଛି । ଜାହାଜଗୁଡ଼ିକର ନିରନ୍ତର ଯାତାୟାତ ପାଇଁ ସମସ୍ତ ପ୍ରକାରର ଯାନ୍ତ୍ରିକ ଓ ଖାଦ୍ୟପେୟ ସହାୟତା ଯୋଗାଇ ଦିଆଯାଉଛି । ରିପୋର୍ଟ ଅନୁସାରେ, ଇରାନ ଦ୍ୱାରା ସମୁଦ୍ର ମଧ୍ୟରେ ଅଣ୍ଡରୱାଟର ମାଇନ୍ସ ବିଛାଯିବାର ଆଶଙ୍କା ରହିଛି । ଏଭଳି ସ୍ଥିତିରେ ସାମାନ୍ୟ ଭୁଲ୍ ବିପଦଜନକ ହୋଇପାରେ । ଏଠାରେ ଭାରତର ହାଇଡ୍ରୋଗ୍ରାଫିକ୍ ଚାର୍ଟ ବଡ଼ ଭୂମିକା ଗ୍ରହଣ କରୁଛି । ସମୁଦ୍ରର ଗଭୀରତା, ପଥର ଏବଂ ଲୁଚି ରହିଥିବା ବିପଦର ସଠିକ୍ ସୂଚନା ଦେବାରେ ଭାରତୀୟ ଚାର୍ଟ ବିଶ୍ୱସ୍ତରୀୟ । କେବଳ ଭାରତ ନୁହେଁ, ଅନେକ ବନ୍ଧୁରାଷ୍ଟ୍ର ମଧ୍ୟ ସୁରକ୍ଷିତ ଯାତ୍ରା ପାଇଁ ଭାରତର ଏହି ସର୍ଭେ ଉପରେ ନିର୍ଭର କରନ୍ତି । ବର୍ତ୍ତମାନର ସଙ୍କଟ ସମୟରେ ଭାରତର ଏହି ପଦକ୍ଷେପ ପ୍ରମାଣ କରିଛି ଯେ, ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଶକ୍ତି । ଭାରତୀୟ ନୌସେନାର ସତର୍କତା ଯୋଗୁଁ ଦେଶର ଏନର୍ଜି ସପ୍ଲାଏ ଚେନ୍ ସୁରକ୍ଷିତ ରହିଛି, ଯାହା ଫଳରେ ଦେଶରେ ତୈଳ ଓ ଗ୍ୟାସ୍ର ଅଭାବ ପରିଲକ୍ଷିତ ହେଉନାହିଁ ।

# ଭାରତକୁ ସାହାଯ୍ୟ ମାଗିଲା ଇରାନ



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, ତେହେରାନ ସଙ୍କେତ ଦେଇଛି ଯେ ଭାରତ ଏହି ସଂଘର୍ଷକୁ କମ କରିବାରେ "ବିଶ୍ୱସନୀୟ ଏବଂ ପ୍ରଭାବଶାଳୀ" ଭୂମିକା ଗ୍ରହଣ କରିପାରିବ। ଭାରତରେ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି କହିଛନ୍ତି ଯେ ଭାରତର ସନ୍ତୁଳିତ ବୈଦେଶିକ ନୀତି ଆଭିମୁଖ୍ୟ ସମ୍ପୃକ୍ତ ସମସ୍ତ ପକ୍ଷ (ଆମେରିକା, ଇସ୍ରାଏଲ ଏବଂ ଇରାନ) ସହିତ ଏହାର ଐତିହାସିକ ସମ୍ପର୍କ ସହିତ ମିଳିତ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟସ୍ଥତା ଭାବରେ ସ୍ଥାନିତ କରେ। ଦିଲ୍ଲୀରେ ଭାଷଣ ଦେଇ, ଫଥାଲି ମନ୍ତବ୍ୟ ଦେଇଥିଲେ, "ଭାରତ ନିଶ୍ଚିତ ଭାବରେ ଉତ୍ତେଜନା ହ୍ରାସ କରିବାରେ ଏକ ସକାରାତ୍ମକ ଏବଂ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରିବ। ବିଶ୍ୱ ଦକ୍ଷିଣର ଏକ ପ୍ରମୁଖ ରାଷ୍ଟ୍ର ଭାବରେ, ଭାରତ ଆଲୋଚନାକୁ ପ୍ରୋତ୍ସାହିତ କରିବାର କ୍ଷମତା ରଖିଛି।"ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ ସହିତ ଭାରତର ଦୃଢ଼ ସମ୍ପର୍କ ଇରାନ ସହିତ ଏହାର ଐତିହାସିକ ସମ୍ପର୍କ। ତେଣୁ ଏହାକୁ ଭୁଲ ବୁଝାମଣା ଦୂର କରିବାରେ ଏବଂ କୂଟନୈତିକ ଚ୍ୟାନେଲଗୁଡ଼ିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବାକୁ ସକ୍ଷମ କରିଥାଏ। ଇରାନ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଂଘର୍ଷରେ ଏକ ଅସ୍ଥାୟୀ ବିରତି ଘୋଷଣା କରିଛନ୍ତି ଏବଂ ଇରାନକୁ ଆଲୋଚନାକୁ ଫେରିବା ପାଇଁ ଏକ ପ୍ରସ୍ତାବ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ୱାଶିଂଟନ ତେହେରାନକୁ ଏକ ୧୫-ସୂତ୍ରୀ ଯୋଜନା ପଠାଇଛି, ଯେତେବେଳେ ଉପସାଗରୀୟ ଅଞ୍ଚଳରେ ଆମେରିକୀୟ ପାରାଟ୍ରୁପରମାନଙ୍କୁ ନିୟୋଜିତ କରିବା ମଧ୍ୟ ଆରମ୍ଭ ହୋଇଛି। ତଥାପି, ଇରାନୀ ସାମରିକ ୟୁନିଟ ଏହି ପଦକ୍ଷେପକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଏହା ବଦଳରେ ଇସ୍ରାଏଲ ଏବଂ ଉପସାଗରୀୟ ଅଞ୍ଚଳରେ ସେମାନଙ୍କର ଆକ୍ରମଣକୁ ତୀବ୍ର କରିଛନ୍ତି। ଏହି ସାମ୍ପ୍ରତିକ ଆକ୍ରମଣରେ କୁୱେତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଗ୍ନିକାଣ୍ଡ ସହିତ ଜଡିତ ଏକ ଘଟଣା ଅନ୍ତର୍ଭୁକ୍ତ। ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ଆମେରିକା ସହିତ ଆଲୋଚନାର ସମ୍ଭାବନାକୁ ଖାରଜ କରିଛି। ମୁଖ୍ୟାଳୟର ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ଇବ୍ରାହିମ ଜୋଲଫାକାରି ଘୋଷଣା କରିଛନ୍ତି, "ଆମ ପରି ଲୋକମାନେ ଆପଣଙ୍କ ପରି ଲୋକଙ୍କ ସହିତ ସାଲିସ କରିବେ ନାହିଁ ଏବେ ନୁହେଁ, କେବେ ନୁହେଁ।" ସେ ଆହୁରି ଦୃଢ଼ତାର ସହିତ କହିଛନ୍ତି ଯେ ଆମେରିକାର ରଣନୈତିକ ଶକ୍ତି ଏବେ ବିଫଳତାରେ ପରିଣତ ହୋଇଛି, ଆହୁରି ମଧ୍ୟ କହିଛନ୍ତି ଯେ "ଯଦି ଆମେରିକା ପ୍ରକୃତରେ ସକ୍ଷମ ହୋଇଥାନ୍ତା, ତେବେ ଏହା ଏହି ପରିସ୍ଥିତିରୁ ନିଜକୁ ମୁକ୍ତ କରିସାରିଥାନ୍ତା।" ଇରାନ ଏହା ମଧ୍ୟ ଅଭିଯୋଗ କରିଛି ଯେ ଆମେରିକା ଅତୀତରେ ଆକ୍ରମଣ ଆରମ୍ଭ କରିଛି। ଏପରିକି କୂଟନୈତିକ ଆଲୋଚନା ସମୟରେ ମଧ୍ୟ – ଏବଂ ବର୍ତ୍ତମାନର ସଂଘର୍ଷ ସମାନ ଭାବରେ ଏପରି ଆକ୍ରମଣ ଦ୍ୱାରା ଆରମ୍ଭ ହୋଇଛି।

# ସେନ୍ସେକ୍ସରେ ୧୨୦୫ ପଏଣ୍ଟ ବୃଦ୍ଧି




ମୁମ୍ବାଇ: ଲଗାତାର ଦ୍ୱିତୀୟ ଦିନରେ ଷ୍ଟକ୍ ବଜାରରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧,୨୦୫ ପଏଣ୍ଟ ବୃଦ୍ଧି ପାଇ ୭୫,୨୭୩ରେ ବନ୍ଦ ହୋଇଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୯୪ ପଏଣ୍ଟ ବୃଦ୍ଧି ପାଇ ୨୩,୩୦୬ରେ ବନ୍ଦ ହୋଇଥିଲା। ଅଟୋ, ବ୍ୟାଙ୍କିଙ୍ଗ୍, ଧାତବ ଓ ଏଫ୍ଏମ୍ସିଜି କମ୍ପାନିଗୁଡ଼ିକର ସେୟାର ମୂଲ୍ୟରେ ବୃଦ୍ଧି ଘଟିଥିଲା। ଆମେରିକା ଓ ଇରାନ ମଧ୍ୟରେ ସକାରାତ୍ମକ ଆଲୋଚନା ଖବର ପ୍ରସାର ହେବା ଦ୍ୱାରା ବଜାର ଉତ୍ସାହିତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ୱାସିଂଟନ ଏବଂ ତେହେରାନ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତିରେ ପହଞ୍ଚିଛନ୍ତି। ବିଶ୍ୱ ସାରା ବଜାରରୁ ସକାରାତ୍ମକ ସଙ୍କେତ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି। ପ୍ରାରମ୍ଭିକ କାରବାରରେ ପ୍ରାୟ ସମସ୍ତ ପ୍ରମୁଖ ଏସୀୟ ବଜାରରେ ଅଧିକ କାରବାର ହୋଇଥିଲା। ଅନ୍ୟ ପକ୍ଷରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ତଳକୁ ହ୍ରାସ ପାଇବା ମଧ୍ୟ ନିବେଶକମାନଙ୍କ ମନୋବଳ ବଢ଼ାଇଛି। ଏସିଆ ମହାଦେଶରେ ଜାପାନର ନିକେଇ ସୂଚକାଙ୍କ ୨.୮୭% ବୃଦ୍ଧି ପାଇ ୫୩,୭୪୯ ପଏଣ୍ଟରେ ବନ୍ଦ ହୋଇଛି। ଦକ୍ଷିଣ କୋରିଆର କୋସ୍ପି ସୂଚକାଙ୍କ ୧.୫୯% ବୃଦ୍ଧି ପାଇ ୫୬୪୨ ପଏଣ୍ଟରେ ବନ୍ଦ ହୋଇଛି। ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୧.୦୯% ବୃଦ୍ଧି ପାଇ ୨୫,୩୩୫ ପଏଣ୍ଟରେ ବନ୍ଦ ହୋଇଛି। ଚୀନ୍ର ସାଂଘାଇ କମ୍ପୋଜିଟ୍ ସୂଚକାଙ୍କ ୧.୩୦% ବୃଦ୍ଧି ପାଇ ୩,୯୩୧ ପଏଣ୍ଟରେ ବନ୍ଦ ହୋଇଛି। ଆମେରିକାରେ ଡାଓ ଜୋନ୍ସ ୬୨ ପଏଣ୍ଟ ହ୍ରାସ ପାଇ ୪୬,୧୨୪ ପଏଣ୍ଟରେ ବନ୍ଦ ହୋଇଥିଲା। ନାସଦାକ୍ କମ୍ପୋଜିଟ୍ ୦.୮୪% ବୃଦ୍ଧି ପାଇ ୨୧,୭୬୧ ପଏଣ୍ଟରେ ବନ୍ଦ ହୋଇଛି। ଏସ୍ଆଣ୍ଡପି ୫୦୦ ସୂଚକାଙ୍କ ୨୪ ପଏଣ୍ଟ ବୃଦ୍ଧି ପାଇ ୬,୫୫୬ ପଏଣ୍ଟରେ ବନ୍ଦ ହୋଇଛି।


# ଇରାନୀ ରାଷ୍ଟ୍ରଦୂତଙ୍କୁ ଘୋଷଣା କଲା ପର୍ସନା ନନ୍ ଗ୍ରାଟା

ବେରୁଟ: ଲେବାନନ୍ ଏବଂ ଇରାନ ମଧ୍ୟରେ କୂଟନୈତିକ ଉତ୍ତେଜନା ନୂତନ ଶୀର୍ଷରେ ପହଞ୍ଚିଛି। ଲେବାନନ୍ ସରକାର ଇରାନର ରାଷ୍ଟ୍ରଦୂତ ଭାବରେ ମନୋନୀତ ବ୍ୟକ୍ତିଙ୍କୁ ପର୍ସନା ନନ୍ ଗ୍ରାଟା ଘୋଷଣା କରିଛି। ଏହାର ଅର୍ଥ ହେଉଛି ସେ ଆଉ ଲେବାନନ୍ ମାଟିରେ ପାଦ ରଖିପାରିବେ ନାହିଁ। ଇସ୍ରାଏଲ ଲେବାନନ୍ର ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି, ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଯଥାର୍ଥ, କାରଣ ଇରାନ୍ ଲେବାନନ୍ର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଚାଲିଛି। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଗିଡିଓନ ସାର ଏହି ପଦକ୍ଷେପକୁ ବୈଧ ଏବଂ ଆବଶ୍ୟକ ବୋଲି କହିଛନ୍ତି। ଲେବାନନ ଇରାନର ହେଜବୁଲ୍ଲା ମାଧ୍ୟମରେ ପରୋକ୍ଷ ହସ୍ତକ୍ଷେପ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଉଚିତ। ଲେବାନନ୍ର ବୈଦେଶିକ ମନ୍ତ୍ରୀ ୟୁସେଫ ରାଗି ଇରାନ ରାଷ୍ଟ୍ରଦୂତ ଭାବରେ ମନୋନୀତ ମହମ୍ମଦ ରେଜା ଶିବାନିଙ୍କୁ ଆନୁଷ୍ଠାନିକ ଭାବରେ ପର୍ସନା ନନ୍ ଗ୍ରାଟା ଘୋଷଣା କରିଛନ୍ତି, ତାଙ୍କୁ ମାର୍ଚ୍ଚ ୨୯ ସୁଦ୍ଧା ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି, ଇରାନ ଚାର୍ଜ ଡି'ଆଫେୟର୍ସଙ୍କୁ ମନ୍ତ୍ରଣାଳୟକୁ ଡକାଇବା ପରେ ଏହି ନିଷ୍ପତ୍ତି ନିଆଯାଇଛି।


# ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରୁଥିବା ଗ୍ୟାଙ୍ଗ୍ର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, : ଏକ ଅନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ଯୋଗାଣ ରାକେଟର ପର୍ଦ୍ଦାଫାସ କରିଛି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ। ରାକେଟର ପାକିସ୍ତାନ, ନେପାଳ ଏବଂ ବାଂଲାଦେଶରେ ଅବୈଧ ଅସ୍ତ୍ରଶସ୍ତ୍ର ଯୋଗାଣକାରୀଙ୍କ ସହ ସମ୍ପର୍କ ଅଛି ବୋଲି କୁହାଯାଉଛି। ଏହି ଗ୍ୟାଙ୍ଗ ସହିତ ଜଡିତ ଦଶ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୧ଟି ବିଦେଶୀ ନିର୍ମିତ ପିସ୍ତଲ, ମେସିନ ଗନ୍, ୨୦୦ ଜୀବନ୍ତ ଗୁଳି ଏବଂ ସ୍ୱୟଂଚାଳିତ ପିସ୍ତଲ ଜବତ କରାଯାଇଛି। ସେମାନଙ୍କ ପାଖରୁ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସେଥିମଧ୍ୟରେ ଚେକ୍ ଗଣରାଜ୍ୟରେ ତିଆରି ସବ୍-ମସିନଗନ୍ ଏବଂ ବିଭିନ୍ନ ପିସ୍ତଲ ରହିଛି। ଏହା ସହିତ ତୁର୍କୀରେ ତିଆରି ପିଏକ୍ସ-୫.୭ ଷ୍ଟୋଏଜରଲ ଚୀନ୍ରେ ତିଆରି ପିଏକ୍ସ-୩ ରହିଛି। ସେହିପରି ଚେକ୍ ଗଣରାଜ୍ୟରେ ତିଆରି ସ୍ୟାଡୋ-ସିଜେଡ୍, ଇଟାଲୀରେ ତିଆରି ହୋଇଥିବା ବେରେଟ୍ଟା, ବ୍ରାଜିଲରେ ତିଆରି ହୋଇଥିବା ଟୋରୋସ ଏବଂ ଜର୍ମାନୀରେ ତିଆରି ହୋଇଥିବା ୱାଲଦର ରହିଛି।ପିଏକ୍ସ-୫.୭ ବିଶେଷ ଭାବରେ ସ୍ୱତନ୍ତ୍ର ବାହିନୀ ଦ୍ୱାରା ବ୍ୟବହୃତ ହୋଇଥାଏ। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ପାକିସ୍ତାନରୁ ଭାରତ-ନେପାଳ ସୀମା ଦେଇ ଭାରତକୁ ଚୋରା ଚାଲାଣ କରାଯାଉଥିଲା। ଏହାପରେ ଦିଲ୍ଲୀ-ଏନସିଆର ଏବଂ ଅନ୍ୟାନ୍ୟ ରାଜ୍ୟରେ ସକ୍ରିୟ ଅପରାଧୀ ଗୋଷ୍ଠୀଗୁଡ଼ିକୁ ଯୋଗାଇ ଦିଆଯାଉଥିଲା।

# ଟ୍ରମ୍ପଙ୍କ ୧୫ ସୂତ୍ରୀ ଶାନ୍ତି ଯୋଜନା: ଆମେରିକା ପାଇଁ ସର୍ତ୍ତ ରଖିଲା ଇରାନ



ୱାସିଂଟନ.ତେହେରାନ : ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ସାରା ବିଶ୍ୱରେ ବ୍ୟାପକ ଆକ୍ରୋଶ ସୃଷ୍ଟି କରିଛି। ଫଳସ୍ୱରୂପ, ଏହି ସଂଘର୍ଷର ଅନ୍ତ ପାଇଁ ଆହ୍ୱାନ ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଇରାନ ଉପରେ ଆକ୍ରମଣ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି ଏବଂ ଦାବି କରିଛନ୍ତି ଯେ ଆଲୋଚନା ଚାଲିଛି। ଟ୍ରମ୍ପ କହିଛନ୍ତି, ୱାଶିଂଟନ ଏବଂ ତେହେରାନ ଏହି ସପ୍ତାହ ସାରା ଆଲୋଚନା କରିବେ, କିନ୍ତୁ ସେ ଇରାନ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ପ୍ରତିନିଧିଙ୍କ ନାମ ନେଇ ନାହାନ୍ତି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଆମେରିକା ଇରାନକୁ ଏକ ବିସ୍ତୃତ ୧୫-ସୂତ୍ରୀ ଶାନ୍ତି ଯୋଜନା ପଠାଇଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ଏହି ପ୍ରସ୍ତାବ ପାକିସ୍ତାନ ମାଧ୍ୟମରେ ଇରାନକୁ ପଠାଯାଇଛି। ପାକିସ୍ତାନୀ ସେନା ମୁଖ୍ୟ ଅସିମ ମୁନୀର ମଧ୍ୟସ୍ଥି ଭୂମିକା ଗ୍ରହଣ କରୁଛନ୍ତି।ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି, ଟ୍ରମ୍ପ ପ୍ରଶାସନ ଯୁଦ୍ଧର ଆର୍ଥିକ ପ୍ରଭାବକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସଂଘର୍ଷର ଅନ୍ତ କରିବାର ଏକ ଉପାୟ ଖୋଜିବାକୁ ଚାହୁଁଛନ୍ତି। ଏହି ଯୋଜନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର କଟକଣା, ସମସ୍ତ ୟୁରାନିୟମ ସମୃଦ୍ଧି କାର୍ଯ୍ୟକଳାପ ବନ୍ଦ କରିବା ଏବଂ ସମୃଦ୍ଧ ୟୁରାନିୟମ ଷ୍ଟକ ହସ୍ତାନ୍ତର ଅନ୍ତର୍ଭୁକ୍ତ। ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡିଛି, ଆମେରିକା ଏବଂ ଇରାନ ଏକ ମାସ ପାଇଁ ଅସ୍ତ୍ରବିରତି ଘୋଷଣା କରିପାରନ୍ତି । ଏହି ସମୟ ମଧ୍ୟରେ ୧୫-ସୂତ୍ରୀ ଯୋଜନା ଉପରେ ବିସ୍ତୃତ ଆଲୋଚନା ହେବ। ଶାନ୍ତି ଯୋଜନାରେ ଇରାନ ମାଟିରେ ଯେକୌଣସି ୟୁରାନିୟମ ସମୃଦ୍ଧିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ପୂର୍ବରୁ ଥିବା ସମୃଦ୍ଧ ସାମଗ୍ରୀକୁ ଅନ୍ତର୍ଜାତୀୟ ନିୟନ୍ତ୍ରଣକୁ ହସ୍ତାନ୍ତର କରିବା ସର୍ତ୍ତ ରଖାଯିବାର ଆକଳନ କରାଯାଉଛି। ପାଞ୍ଚ ବର୍ଷ ପାଇଁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିକାଶକୁ ବନ୍ଦ କରିବା ଏବଂ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)କୁ ସେଣ୍ଟ୍ରିଫ୍ୟୁଜ୍ ଯାଞ୍ଚ କରିବାକୁ ଅନୁମତି ଦେବା। ସେହିପରି ଅନ୍ୟ ସର୍ତ୍ତ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଖୋଲିବା ଏବଂ ଅବାଧ ସାମୁଦ୍ରିକ ପରିବହନକୁ ସୁନିଶ୍ଚିତ କରିବା, ଆଞ୍ଚଳିକ ପ୍ରକ୍ସି ଗୋଷ୍ଠୀଗୁଡ଼ିକୁ ଇରାନର ସମର୍ଥନ ବନ୍ଦ କରାଯିବା ଉଚିତ। ପ୍ରତିବଦଳରେ, ଇରାନ ଉପରେ ଲାଗୁ ହୋଇଥିବା ସମସ୍ତ ଆନ୍ତର୍ଜାତୀୟ କଟକଣା ପ୍ରତ୍ୟାହାର କରାଯିବ। ବୁଶେହର ଭଳି ସ୍ଥାନରେ ଏକ ବେସାମରିକ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ବିକାଶ କରିବାରେ ଇରାନକୁ ଅନ୍ତର୍ଜାତୀୟ ସହାୟତା ଯୋଗାଇ ଦିଆଯିବ।ତେବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଏହି ରିପୋର୍ଟ ଉପରେ ଆନୁଷ୍ଠାନିକ ଭାବରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ହ୍ୱାଇଟ୍ ହାଉସ୍ ଏବଂ ଆମେରିକାର ବୈଦେଶିକ ବିଭାଗ ଉଭୟ ନୀରବ ରହିଛନ୍ତି। ଇସ୍ରାଏଲ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ଦିଆଯାଇ ନାହିଁ। ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରୁଥିବା ବେଳେ ଏବଂ ଦୁଇ ପକ୍ଷ ମଧ୍ୟରେ ପରୋକ୍ଷ ଆଲୋଚନାର ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଖବର ଆସିଛି। ଇରାନ ଏପର୍ଯ୍ୟନ୍ତ ଏହି ଯୋଜନାର ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହିଁ, ଯଦିଓ କିଛି ସୂତ୍ର କହୁଛନ୍ତି ଯେ, ତେହେରାନ କିଛି ପ୍ରସଙ୍ଗରେ ନମନୀୟତା ଦେଖାଇପାରେ।



# ଆଇପିଏଲ୍‌ର ଦାମୀ ଦଳ ଆରସିବି



ନୂଆଦିଲ୍ଲୀ : ଆଇପିଏଲ୍ ଏବେ ବିଶ୍ୱର ସବୁଠୁ ବ୍ୟୟବହୁଳ ଖେଳ ପାଲଟିଯାଇଛି । ଆଇପିଏଲ୍‌ର ଦୁଇ ଟିମ୍ ଆରସିବି ଓ ରାଜସ୍ଥାନ ରୟାଲ୍ସ ଟିମ୍ ୧୫ ହଜାର କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୧୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଛି । ଭାରତୀୟ ଶିଳ୍ପପତି କୁମାର୍ ମଙ୍ଗଳମ୍ ବିର୍ଲାଙ୍କ ଆଦିତ୍ୟ ବିର୍ଲା ଗ୍ରୁପ୍, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍, ଡେଭିଡ୍ ବ୍ଲିଟ୍‌ଜରଙ୍କ ବୋଲ୍ଟ ଭେଞ୍ଚର୍ସ ଏବଂ ଯୁକ୍ତରାଷ୍ଟ୍ରର ବ୍ଲାକ୍‌ଷ୍ଟୋନ୍ ଇନଭେଷ୍ଟମେଣ୍ଟ ମିଳିତ ଭାବେ ଆରସିବିକୁ କିଣିଛନ୍ତି । ଆଇପିଏଲ୍ ଚାମ୍ପିୟନ୍ ଆରସିବିକୁ ୧.୭୮ ବିଲିୟନ୍ ଡଲାର୍ ଅର୍ଥାତ୍ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଦେବାକୁ ରାଜି ହୋଇଛି ।

ସେହିପରି ରାଜସ୍ଥାନ ରୟାଲ୍ସକୁ ଯୁକ୍ତରାଷ୍ଟ୍ରର ଉଦ୍ୟୋଗୀ କାଲ୍ ସୋମାନି କିଣିଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସବୁଠୁ ଅଧିକ ଟଙ୍କାରେ ବିକ୍ରି ହୋଇଥିବା ବେଳେ ରାଜସ୍ଥାନ ଦ୍ୱିତୀୟରେ ରହିଛି । ତେବେ ରାଜସ୍ଥାନ ବିକ୍ରୀ ହେବା ପରେ ଅଷ୍ଟ୍ରେଲିଆର ସ୍ୱର୍ଗତଃ ଲେଗ ସ୍ପିନର ଶେନ ୱାର୍ଣ୍ଣଙ୍କ ଏକ ଡିଲ ଏବେ ଚର୍ଚ୍ଚାର କାରଣ ସାଜିଛି । ୱାର୍ଣ୍ଣଙ୍କ ପରେ ତାଙ୍କ ପରିବାର ଏବେ ୪୫୦ରୁ ୪୬୦ କୋଟି ଟଙ୍କା ପାଇବେ । ୨୦୧୯ରେ ଯେତେବେଳେ ଟିମର ଭାଲ୍ୟୁଶନ ୪୦୦ ମିଲିୟନ ଡଲାର ଥିଲା । ସେତେବେଳେ ୱାର୍ଣ୍ଣେ ୩ ପ୍ରତିଶତର ଅଂଶୀଦାର ହୋଇ ଯାଇଥିଲେ ।

## ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ମ୍ୟାକଲମ୍‌ଙ୍କୁ ରଖିଲା ଇଂଲଣ୍ଡ



ଲଣ୍ଡନ୍ : ଆସେସ୍ ଓ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡର ସାଂଘାତିକ ବିପର୍ଯ୍ୟୟ ସତ୍ତ୍ୱେ ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡନ୍ ମ୍ୟାକଲମ୍‌ଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ପୁନଃ ଆସ୍ଥା ପ୍ରକଟ କରିଛି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) । ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ମ୍ୟାକ୍‌ଲମଙ୍କୁ ସମସ୍ତ ୩ ଫର୍ମାଟ ଲାଗି ପୁନଃନିଯୁକ୍ତ କରିଛି । ବେନ୍ ଷ୍ଟୋକ୍ସ ଟେଷ୍ଟ୍ ଅଧିନାୟକ ପଦ ମଧ୍ୟ ବଜାୟ ରଖିଛନ୍ତି, ହ୍ୟାରି ବ୍ରୁକ୍‌ଙ୍କୁ ତାଙ୍କ ଡେପୁଟି ଭାବେ ମଧ୍ୟ ଅପରିବର୍ତ୍ତିତ ରଖାଯାଇଛି ।

ଇଂଲଣ୍ଡ ଡ୍ରେସିଂରୁମ୍ ସଂସ୍କୃତିକୁ ନେଇ ଉଠିଥିବା ପ୍ରଶ୍ନର ଅବସାନ : ଇସିବିର ପୁରୁଷ ଦଳ ପରିଚାଳନା ନିର୍ଦ୍ଦେଶକ ରବ୍ କି କହିଛନ୍ତି ବ୍ରେଣ୍ଡନ୍ ମ୍ୟାକଲମ ଶ୍ରେଷ୍ଠ ବ୍ୟକ୍ତି, ଯିଏ ଦଳକୁ ଠିକଣା ପଥରେ ନେଇପାରିବେ । ଫଳରେ ଇଂଲଣ୍ଡ ଡ୍ରେସିଂ ରୁମ୍ ସଂସ୍କୃତିକୁ ନେଇ ଉଠିଥିବା ପ୍ରଶ୍ନର ଅବସାନ ଘଟିଛି । ଆସେସ୍‌ରେ ଇଂଲଣ୍ଡ ୧-୪ ପରାଜୟ ବରଣ କରିଥିବାବେଳେ ଚଳିତ ମାସରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ଭାରତ ନିକଟରୁ ହାରି ବିଦାୟ ନେଇଥିଲା । କିଛି ଦିନ ତଳେ ଅଲ୍‌ରାଉଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ ଅଭିଯୋଗ କରିଥିଲେ ବର୍ତ୍ତମାନର ପରିଚାଳନା ବ୍ୟବସ୍ଥା କୋର ଗ୍ରୁପ୍ ଖେଳାଳିଙ୍କୁ ଖାତିର କରୁନାହିଁ । ବ୍ରିଟିସ୍ ମିଡିଆ ମଧ୍ୟ ଲେଖିଥିଲା ଯେ, ବାହାରକୁ ଏକାଠି ଦିଶୁଥିଲେ ମଧ୍ୟ ଆସେସ୍ ପରାଜୟ ସମୟରେ ବେନ୍ ଷ୍ଟୋକ୍ସଙ୍କ ସହ ବ୍ରେଣ୍ଡନ୍ ମ୍ୟାକ୍‌ଲମଙ୍କ ସମ୍ପର୍କ ବିଗିଡ଼ି ଯାଇଛି । ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡ ପାଇଁ ୧୦ ଟେଷ୍ଟ୍ ଖେଳିଥିବା ବ୍ରେଣ୍ଡନ୍ ମ୍ୟାକଲମ୍ ୨୦୨୨ରୁ ଇଂଲଣ୍ଡ ଦଳର ପ୍ରଶିକ୍ଷକ ଭୂମିକାରେ ରହିଛନ୍ତି ।

ଡାକନାମ 'ବାଜ୍'ରୁ ବାଜବଲ୍ ଶୈଳୀ : ଆକ୍ରମଣାତ୍ମକ ଖେଳ ଶୈଳୀ ପାଇଁ ଇଂଲଣ୍ଡକୁ ପ୍ରାରମ୍ଭିକ ସଫଳତା ଦେବା ପରେ ତାଙ୍କ ନିଜ ଡାକନାମ 'ବାଜ୍'ରୁ ଏହା ବାଜବଲ୍ ଶୈଳୀ ଭାବେ ଖୁବ୍ ଚର୍ଚ୍ଚିତ ହୋଇଥିଲା । କ୍ରମେ ଏହି ସଫଳତା ହାତଛଡ଼ା ହୋଇଛି । ଇଂଲଣ୍ଡ ଏବେ ନିଜ ପରବର୍ତ୍ତୀ ଅଭିଯାନ ଜୁନ୍ ମାସରେ ନ୍ୟୁଜିଲାଣ୍ଡ ସହିତ ୩ ମ୍ୟାଚ୍ ଘରୋଇ ଟେଷ୍ଟ୍ ଶୃଙ୍ଖଳା ଖେଳିବ । ଏହା ପରେ ଭାରତ ସହିତ ଘରୋଇ ମାଟିରେ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବ । ଯେଉଁଥିରେ ୫ଟି ଟ୍ୱେଣ୍ଟି-୨୦ ସାମିଲ ରହିଛି ।


## ନୟାଗଡ଼ରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ



ନୟାଗଡ଼, (ପିପିଏସ୍): ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ନୟାଗଡ଼ ଦକ୍ଷିଣକାଳୀ ଖେଳ ପଡ଼ିଆଠାରେ ମଣ୍ଡଳ ସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ - ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ।

ଏହି ଶିବିରରେ ନୟାଗଡ଼ ମଣ୍ଡଳର ୧୦ଟି ବ୍ଲକରୁ ଅନଲାଇନ୍ ମାଧ୍ୟମରେ ପଞ୍ଜିକୃତ ହୋଇଥିବା ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ନୟାଗଡ଼ ଜିଲ୍ଲାରେ ମଣ୍ଡଳ ସ୍ତରୀୟ ଭଲି ବଲ ଖେଳାଳି ଚୟନ ଦକ୍ଷିଣ କାଳୀ ଖେଳ ପଡିଆ ଏବଂ ସୁନାଖଳା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ଶାରୀରିକ ଶିକ୍ଷକ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉମାକାନ୍ତ ମିଶ୍ର, ଅଶୋକ କୁମାର ପ୍ରଧାନ, ହେମନ୍ତ କୁମାର ସେଠି, ସରୋଜିନୀ ସାହୁ, ବିଶ୍ୱରଂଜନ ସାହୁଙ୍କ ସମେତ ଅନ୍ୟାନ୍ୟ ସହଯୋଗୀମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ରିଙ୍କୁ କେକେଆର୍‌ର ଉପଅଧିନାୟକ



କୋଲ୍‌କାତା : ଆସନ୍ତା ଆଇପିଏଲ୍‌ରେ ମଧ୍ୟକ୍ରମ ବ୍ୟାଟ୍‌ସମ୍ୟାନ ରିଙ୍କୁ ସିଂହ ତିନି ଥର ଚମ୍ପିଆନ୍ କଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳର ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି । ମଙ୍ଗଳବାର ଏକ୍ସ ଜରିଆରେ କେକେଆର ଏହି ଘୋଷଣା କରିଛି । ଅଜିଙ୍କ୍ୟ ରାହାଣେ କେକେଆରର ଅଧିନାୟକ ଅଛନ୍ତି । ୨୮ ବର୍ଷ ବୟସ୍କ ଉତ୍ତର ପ୍ରଦେଶର ବାମହାତି ବ୍ୟାଟ୍‌ସମ୍ୟାନ ରିଙ୍କୁ ସିଂହ ଏହି ଆଇପିଏଲ୍ ଜରିଆରେ ଜାତୀୟ ଦଳରେ ପ୍ରବେଶ କରିଥିଲେ । ୨୦୧୮ରେ ୮୦ ଲକ୍ଷ ଟଙ୍କାରେ ରିଙ୍କୁ କେକେଆରରେ ସାମିଲ ହୋଇଥିଲେ । ୨୦୨୨ରେ ଆରସିବିର ବୋଲର ଯଶ ଦୟାଲଙ୍କୁ ୫ଟି ବଲ୍‌ରେ ୫ଟି ଛକାମାରି ଦଳକୁ ଜିତାଇବା ପରେ ରିଙ୍କୁ ବହୁତ ଖ୍ୟାତି ହାସଲ କରିଥିଲେ । ଗତ ଆଇପିଏଲ୍ ନିଲାମ ପୂର୍ବରୁ ରିଙ୍କୁ ସିଂହଙ୍କୁ ୧୩ କୋଟି ଟଙ୍କାରେ କେକେଆର ଦଳରେ ରହିଛି । ଅଦ୍ୟାବଧି ରିଙ୍କୁ କେକେଆର ପାଇଁ ୫୯ ମ୍ୟାଚ୍‌ରୁ ୪ଟି ଅର୍ଦ୍ଧଶତକ ସହ ୧୦୯୯ ରନ୍ କରିଛନ୍ତି । ସେ ଭାରତ ପାଇଁ ୪୫ଟି ଟ୍ୱେଣ୍ଟି୨୦ ଓ ୨ଟି ଦିନିକିଆ ଖେଳିଛନ୍ତି ।

## ଯଶପ୍ରୀତ ବୁମ୍‌ରା ଆହତ



ବେଙ୍ଗାଲୁରୁ : ୨୮ରୁ ଆଇପିଏଲ୍ ଆରମ୍ଭ ହେଉଥିବା ବେଳେ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରା ମୁମ୍ବଇ ଇଣ୍ଡିଆନ୍‌ସ ଶିବିରରେ ଯୋଗ ଦେଇନାହାନ୍ତି । ବୁମ୍‌ରା ମୁମ୍ବାଇ ନ ଯାଇ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସରେ ପହଞ୍ଚିଛନ୍ତି । ସେ ଆହତ ଥିବାରୁ ଏଠାକୁ ଆସିଛନ୍ତି ନା ନିୟମିତ ଫିଟ୍‌ନେସ ପରୀକ୍ଷା ପାଇଁ ଆସିଛନ୍ତି; ତାହା ଜଣା ପଡ଼ିନାହିଁ । ରବିବାର ଆଇପିଏଲ୍‌ରେ କେକେଆର ବିପକ୍ଷରେ ମୁମ୍ବଇ ପ୍ରଥମ ମ୍ୟାଚ୍ ଖେଳିବାର ଅଛି । ବୁମ୍‌ରା ବେଙ୍ଗାଲୁରୁର ସିଓଇରେ ପହଞ୍ଚିବା ପରେ ସେ ଆହତ ଥିବା କଥା ଆଲୋଚନା ଚାଲିଛି । ଏହା ବିଷୟରେ ପଚାରିବାରୁ ମୁମ୍ବାଇ ଇଣ୍ଡିଆନ୍‌ସ ପକ୍ଷରୁ କୁହାଯାଇଛି, ଟ୍ୱେଣ୍ଟି୨୦ ବିଶ୍ୱକପ୍ ଚମ୍ପିଆନ୍ ଭାରତୀୟ ଦଳରେ ଥିବା ମୁମ୍ବଇ ଇଣ୍ଡିଆନ୍‌ସର ୪ ଜଣ ଖେଳାଳିଙ୍କୁ ବିଳମ୍ବରେ ଦଳରେ ଯୋଗଦେବାର ଅନୁମତି ମୁଖ୍ୟ ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନେ ଦେଇଛନ୍ତି ।

## ଆଇପିଏଲ୍‌ରୁ ଓହରିଲେ ଓପନିଂ ବ୍ୟାଟର ଡକେଟ



ନୂଆଦିଲ୍ଲୀ : ଇଂଲଣ୍ଡର ଓପନିଂ ବ୍ୟାଟର ବେନ ଡକେଟ ଆଗାମୀ ଆଇପିଏଲ୍‌ରୁ ଓହରି ଯାଇଛନ୍ତି । ନିଜ କ୍ୟାରିୟର ଉପରେ ଧ୍ୟାନ ଦେବା ପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି । ତାଙ୍କୁ ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିଲା । ହେଲେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଓପନିଂ ପୋଜିଶନ ଲାଗି ଶ୍ରୀଲଙ୍କାର ପଥୁମ ନିଶଙ୍କାଙ୍କ ଭଳି ବିକଳ୍ପ ରହିଛନ୍ତି ।


**ସପ୍ତାହର ଶେଷରେ ସାପ୍ତାହିକୀ ହାତରେ**

**ପ୍ରଜାତନ୍ତ୍ର ସାପ୍ତାହିକୀ**

୨୨-୨୮ ମାର୍ଚ୍ଚ - ୨୦୨୬ ବିଶ୍ୱକପ୍ ହିରୋ ସଞ୍ଜୁ ସାମସନ୍




**ଜାତୀୟ:** ଯୁଦ୍ଧ ଭିତରେ ରୁଷିଆକୁ ସାହାଯ୍ୟ
**ଅନ୍ତର୍ଜାତୀୟ:** ଦୋହଲିଗଲା ଖାର୍ଗ ଦ୍ୱୀପ !
**ବିଶେଷ ପ୍ରସଙ୍ଗ:** ଇରାନରେ ଯୁଦ୍ଧର କରାଳ ରୂପ
**କ୍ଷୁଦ୍ରଗଳ୍ପ :** ଚରିତ୍ରର ମାନିଚିତ୍ର
**ନାରୀ :** ମହିଳାମାନେ ପୁଶ୍ ଅପ୍ସ କରିବା
**ଚଳଚ୍ଚିତ୍ର :** ହଂସିକାଙ୍କ ଛାଡ଼ପତ୍ର
**ଖେଳ:** ବଢ଼ିଲା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଡୁଆ
**ମୀନାବଜାର :** ପରିବର୍ତ୍ତନ, ଚର୍ଚ୍ଚାରେ : ମୋଜେକଙ୍କ ପ୍ରତିରକ୍ଷା ଶୈଳୀ, ସ୍ୱାସ୍ଥ୍ୟ : ଡାଏଟ୍‌ରେ ସୁଧାରିପାରିବେ ଚେହେରା, ନିଉଜ ମେକର : ଅଜବ ସହର, ଦିଲ୍ଲୀ ଡାଏରୀ : ଜେଲ୍‌ରୁ ବାହାରିବେ, ଜାଣିବା କଥା : କେଉଁ ରାଜ୍ୟରେ କେତୋଟି, ବାସ୍ତୁ: ଘର ପାଇଁ ଉପଯୁକ୍ତ ଜମି କେଉଁଟି ? ସାମ୍ପ୍ରତିକି: ଏମିତି ଗାଁ ଯେଉଁଠି ମୁହଁରୁ ବାହାରିଲେ, କବିତା : ମଉଳି ଗଲାଣି ଜହ୍ନ , ଜାଣନ୍ତି କି ? : ଭାରତର ପ୍ରଥମ ଆଇଏସ୍ ଭଳି ଆହୁରି ଅନେକ ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


## ବିନା ଖେଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଫାଇଦା




ନୂଆଦିଲ୍ଲୀ : ଆଇସିସି ପୁଣିଥରେ ଟା'ର ସଦ୍ୟତମ ରାଙ୍କିଂ ପ୍ରକାଶ କରିଛି । ଯଦିଓ ପୂର୍ବ ଅପଡେଟ୍ ପରଠାରୁ ବହୁତ ଟି-୨୦ ମ୍ୟାଚ୍ ହୋଇନାହିଁ– ଅର୍ଥାତ୍ ଏଥିରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ । ତଥାପି କିଛି ଛୋଟ ପରିବର୍ତ୍ତନ ପରିଲକ୍ଷିତ ହୋଇପାରେ । ଏକ ଉଲ୍ଲେଖନୀୟ କଥା ହେଉଛି ଯେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସମ୍ପ୍ରତି କୌଣସି ମ୍ୟାଚ୍ ଖେଳି ନଥିବା ସତ୍ତ୍ୱେ ଲାଭବାନ ହୋଇଛନ୍ତି । ରାଙ୍କିଂ ତାଲିକାରେ ତାଙ୍କ ନାମ ଉପରେ ରହିଛି ।

ଆଇସିସି ଦ୍ୱାରା ପ୍ରକାଶିତ ସଦ୍ୟତମ ଟି-୨୦ ରାଙ୍କିଙ୍ଗରେ, ଟିମ୍ ଇଣ୍ଡିଆର ଓପନିଂ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ବର୍ତ୍ତମାନ ତାଙ୍କର ରେଟିଂ ୮୭୫ । ଇଶାନ କିଶାନ ୮୭୧ ରେଟିଂ ସହିତ ଦ୍ୱିତୀୟ ସ୍ଥାନରେ ଦୃଢ଼ ଭାବରେ ରହିଛନ୍ତି । ପାକିସ୍ତାନର ସାହିବଜାଦା ଫରହାନ ୮୪୮ ରେଟିଂ ସହିତ ତୃତୀୟ ସ୍ଥାନରେ ଅଛନ୍ତି । ଚତୁର୍ଥ ସ୍ଥାନରେ ଇଂଲଣ୍ଡର ଫିଲ୍ ସଲ୍ଟ ୭୯୨ ରେଟିଂ ସହିତ ଅଛନ୍ତି । ଶ୍ରୀଲଙ୍କାର ପଥୁମ୍ ନିସାଙ୍କାଙ୍କ ବିଷୟରେ କହିଲେ ସେ ୭୬୬ ରେଟିଂ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି । ଭାରତର ତିଲକ ବର୍ମା ୭୪୨ ରେଟିଂ ସହିତ ଷଷ୍ଠ ସ୍ଥାନ ବଜାୟ ରଖିଛନ୍ତି ।

ଏହି ଦୃଷ୍ଟିରୁ ଦେଖିଲେ, ଆଇସିସି ଟି-୨୦ ରାଙ୍କିଙ୍ଗର ଶୀର୍ଷ ୬ ସ୍ଥାନ ମଧ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଅନ୍ୟ ଶବ୍ଦରେ, ପ୍ରତ୍ୟେକ ବ୍ୟାଟସମ୍ୟାନ୍ ପୂର୍ବ ସ୍ଥାନରେ ଥିବା ସ୍ଥାନରେ ରହିଛନ୍ତି । ଏହି ସମୟରେ, ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭ ନମ୍ବର ସ୍ଥାନକୁ ଉଠିଛନ୍ତି । ତାଙ୍କର ରେଟିଂ ବର୍ତ୍ତମାନ ୭୨୨ ରହିଛି । ଅର୍ଥାତ୍ ସୂର୍ଯ୍ୟଙ୍କ ରେଟିଂରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ସ୍ଥାନରେ ପରିବର୍ତ୍ତନ ହୋଇଛି ।

## କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ: ଓମ୍‌କାର, ସରୁନଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, (ପିପିଏସ୍): ଓଡ଼ିଶାର କ୍ରୀଡ଼ା ଇତିହାସରେ ମଙ୍ଗଳବାର ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଭାରତୀୟ ଦୌଡ଼କୁଦ ମହାସଂଘ, ଓଡ଼ିଶା ଦୌଡ଼କୁଦ ସଂଘ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ପ୍ରୟାସରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ 'ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତା ୨୦୨୬' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏଭଳି ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି ।

ପ୍ରଥମ ଦିନରେ ଓଡ଼ିଶା ଖେଳାଳି ନିଜର ଚମତ୍କାର ଦେଖାଇଛନ୍ତି । ଘରୋଇ ଦଳ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ସହ ୬ ପଦକ ଜିତିଛି । ସ୍ୱର୍ଣ୍ଣ ଦୁଇଟି ଓମ୍‌କାର ପ୍ରସାଦ ନନ୍ଦ ଓ ସରୁନ ପାୟସିଂହ ଜିତିଥିଲା ବେଳେ ମନୀଷା ମେରେଲ, ସବିତା ଟୋପ୍ପୋ ଓ ଲକ୍ଷ୍ମୀପ୍ରିୟା କିଷାନ ରୌପ୍ୟ ଏବଂ ସୁସ୍ମିତା ଟିଗା କାଂସ୍ୟ ପଦକ ପାଇଛନ୍ତି । ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୭.୭୭ ମିଟର ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ । ତାଙ୍କ ପଛକୁ ଏନ୍‌ସିଓଇ ପତିଆଲାର ସାଇ କିରଣ ଏ (୧୭.୦୦ ମିଟର) ଏବଂ ଜେଏସ୍‌ଡବ୍ଲ୍ୟୁର ହର୍ଷିତ ଗେହଲଟ (୧୬.୯୮ ମିଟର) ରହି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ । ପୁରୁଷ ଲଙ୍ଗ୍ ଜମ୍ପ୍‌ରେ ସରୁନ ୭.୮୦ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଜେଏସ୍‌ଡବ୍ଲ୍ୟୁର ପ୍ରବୀଣ ଚିତ୍ରାଭେଲ (୭.୭୮ ମିଟର) ରୌପ୍ୟ ଓ ରେଳବାଇର ଡେଭିଡ ପି (୭.୬୯ ମିଟର) କାଂସ୍ୟ ପାଇଥିଲେ । ମହିଳା ଲଙ୍ଗ୍ ଜମ୍ପ୍‌ରେ ମନୀଷା ୬.୦୪ ମିଟର ଡେଇଁ ରୌପ୍ୟ ପାଇଥିଲେ । ଜେଏସ୍‌ଡବ୍ଲ୍ୟୁର ଅନାମିକା କେଏ (୬.୦୫) ସ୍ୱର୍ଣ୍ଣ ଏବଂ ଶେରିନ ଏ (୫.୯୨) କାଂସ୍ୟ ପାଇଥିଲେ । ମହିଳା ୬୦ ମିଟର ବାଧାଦୌଡ଼ରେ ସବିତା ଟୋପ୍ପୋ ୮.୪୦ ସେକେଣ୍ଡ୍‌ରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ କେରଳର ଅଞ୍ଜଳି ସି (୮.୩୨ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ଜେଏସ୍‌ଡବ୍ଲ୍ୟୁର ପ୍ରାଞ୍ଜଳି ଦିଲୀପ ପାଟିଲ (୮.୪୦ ସେକେଣ୍ଡ) କାଂସ୍ୟ ଜିତିଥିଲେ । ମହିଳା ୮୦୦ ମିଟରରେ ୨ ଜଣ ଭାଗ ନେଇଥିଲା ବେଳେ ଓଡ଼ିଶାର ଲକ୍ଷ୍ମୀପ୍ରିୟା (୨:୧୩.୨୦) ଦ୍ୱିତୀୟ ଓ ମଧ୍ୟପ୍ରଦେଶର ପ୍ରୀତି ଯାଦବ (୨:୧୧.୮୩) ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୩୦୦୦ ମିଟର ଦୌଡ଼କୁ ଓଡ଼ିଶାର ସୁସ୍ମିତା ୧୦ ମିନିଟ୍ ୨୨.୩୦ ସେକେଣ୍ଡରେ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ । ତାଙ୍କ ଆଗରେ ରହି କର୍ଣ୍ଣାଟକର ପ୍ରିୟଙ୍କା ସି (୯:୪୨.୦୫) ସ୍ୱର୍ଣ୍ଣ ଏବଂ ଗୁଜରାଟର କାଜଲ ରଙ୍ଗନାଥ (୯:୪୪.୦୧) ରୌପ୍ୟ ଜିତିଥିଲେ ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି । ଏହି ଇନଡୋର ହଲ୍‌କୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି ଏବଂ ଏହି ଇଭେଣ୍ଟ ୨୦୨୮ ବିଶ୍ୱ ପ୍ରତିଯୋଗିତା ପାଇଁ ମାର୍ଗ ପ୍ରଶସ୍ତ କରିଛି । ଓଡ଼ିଶାକୁ ଦେଶର 'କ୍ରୀଡ଼ା ରାଜଧାନୀ' ଭାବେ ପୁଣିଥରେ ପ୍ରମାଣିତ ହୋଇଛି । ଭାରତୀୟ ଦୌଡ଼ ମହାସଂଘର ସଭାପତି ବାହାଦୁର ସିଂହ ସାଗୁ, କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ନେଲସନ ଲାକ୍ରା, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡାଙ୍କ ସମେତ ଭାରତୀୟ ଆଥଲେଟିକ୍ସ ମହାସଂଘର ବୈଷୟିକ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଷ୍ଟାନଲି ଜୋନ୍ସ, ଆଦିଲ ସୁମାରିୱାଲା, ଓଡ଼ିଶା ଦୌଡ଼କୁଦ ସଂଘ ସଭାପତି ଜିଏସ୍ ପଟ୍ଟନାୟକ, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପଲ୍ ପ୍ରମୁଖ ମଞ୍ଚାସୀନ ଥିଲେ ।

ଜାତୀୟ ଇନଡୋର ଦୌଡ଼କୁଦ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ତାମିଲନାଡୁର ବାରାନିକା ଏଲାନଗୋଭାନ୍ ମହିଳା ପୋଲଭୋଲ୍ଟରେ ଏକ ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ୪.୨୨ ମିଟର ଲମ୍ଫ ସହ ରୋଜି ମୀନା ପଲରାଜଙ୍କ ଜାତୀୟ କୀର୍ତ୍ତିମାନକୁ ଭାଙ୍ଗିଦେଇଛନ୍ତି । ୨୦୨୨ରେ ରୋଜି ୪.୨୧ ମିଟର ଲମ୍ଫ ସହ ଏହି କୀର୍ତ୍ତିମାନ ସ୍ଥାପନ କରିଥିଲେ । ଆଜିର ସଫଳତାର ସପ୍ତାହକ ପୂର୍ବରୁ ବାରାନିକା ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583